READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



କୁଆଁରପୁନେଇ ଓ ଗଜଲକ୍ଷ୍ମୀ ପୂଜା ...

ବର୍ଷ-୩ ସଂଖ୍ୟା-୩୯ ୧୪ - ୨୦ ଅକ୍ଟୋବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-39 14th - 20th OCTOBER, 2019 BHUBANESWAR ₹ 5/- (8 Pages)

### ବିଶ୍ୱ ବ୍ୟାଙ୍କ ଆକଳନ ଚିନ୍ତାଜନକ

# ୬%କୁ ଖସିବ ଭାରତର ଅଭିବୃଦ୍ଧି

**ୱାଶିଂଟନ୍ :** ୨୦୧୯-୨୦ ଆର୍ଥିକ ବର୍ଷର ମୋଟ ଘରୋଇ ଉତ୍ପାଦନ(ଜିଡିପି)କୁ ନେଇ ବିଶ୍ୱ ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଆକଳନଭିତ୍ତିକ ରିପୋର୍ଟ ରବିବାର ପ୍ରକାଶ କରାଯାଇଛି। ଏହି ବର୍ଷରେ ଭାରତର ଜିଡିପି ହାର ୬ ପ୍ରତିଶତ ରହିବ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭରେ ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟାରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଥିବାରୁ ଅନ୍ୟାନ୍ୟ ସଂସ୍ଥା କିମ୍ବା ଏଜେନ୍ସି ମାନଙ୍କ ପକ୍ଷରୁ କରାଯାଇଥିବା ଆକଳନ ତୁଳନାରେ ବିଶ୍ୱ ବ୍ୟାଙ୍କ ନିମ୍ନ ହାରରେ ଜିଡିପି ଅଭିବୃଦ୍ଧି ଦର୍ଶାଇଛି। ୨୦୧୮-୧୯ ବର୍ଷରେ




ଭାରତର ଜିଡିପି ହାର ୬.୯ ପ୍ରତିଶତ ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ଏବଂ ଘରୋଇ ଆର୍ଥିକ ସ୍ଥିତିକୁ ନେଇ ବିଭିନ୍ନ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଯାଇଥିବାରୁ ଜିଡିପି ୬ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ବିଶ୍ୱ ବ୍ୟାଙ୍କର ସାଉଥ ଏସିଆ ଇକୋନୋମିକ୍ ଫୋକସ୍ ସର୍ବଶେଷ ସଂସ୍କରଣରେ କୁହାଯାଇଛି। ଦୁଇ ବର୍ଷ ଧରି ଅଭିବୃଦ୍ଧିରେ ଅବନତି ଦେଖାଯାଇଛି। ୨୦୧୭-୧୮ ବର୍ଷରେ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିଥିଲା ବେଳେ ୨୦୧୮-୧୯ରେ ଏହା ୬.୯ ପ୍ରତିଶତ ଏବଂ ୨୦୧୯-୨୦ରେ ଏହା ୬ ପ୍ରତିଶତ ରହିବ। ତେବେ ୨୦୧୯-୨୦ ପରେ ଅଭିବୃଦ୍ଧି ପ୍ରକ୍ରିୟାରେ ଉନ୍ନତି ଘଟିବ। ବିତ୍ତୀୟ ଏବଂ ଅର୍ଥ ବ୍ୟବସ୍ଥାର ବିଭିନ୍ନ ଦିଗରେ ପରିବର୍ତ୍ତନ ଘଟିବା ସହିତ ୨୦୨୧ରେ ଭାରତର ଆର୍ଥିକ ବିକାଶ ହାର ପୁଣିଥରେ ୬.୯ ପ୍ରତିଶତ ଏବଂ ୨୦୨୨ରେ ଏହା ୭.୨ ପ୍ରତିଶତରେ ପହଞ୍ଚିବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାକୋଷ (ଆଇଏମ୍ଏଫ୍) ସହିତ ବିଶ୍ୱ ବ୍ୟାଙ୍କର ➤ ପୃ-୬

## ନେପାଳ, ବାଂଲାଦେଶଠାରୁ ବି ପଛରେ ରହିବ

# ଦମ୍ ଦେଖାଇଲେ ୫-ଟି ସଚିବ



**ଭୁବନେଶ୍ୱର,(ତାରକ ମହାନ୍ତି):** 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୂନ୍ୟ ସହନଶୀଳତା ନୀତିକୁ ଯେତିକି ଗୁରୁତ୍ୱ ଦେଉଛନ୍ତି ସେତିକି ସେତିକି ତାଙ୍କ ଆଭିମୁଖ୍ୟ କଠୋର ହେଉଛି। ଛୁଟି ଦିବସ ଗୁଡିକରେ ଏବେ ଅଫିସରଙ୍କୁ ଡାକି ପୃଥକ ପୃଥକ ଜିଲ୍ଲାର ସ୍ଥିତି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଏବଂ ଅତ୍ୟନ୍ତ କଡା ଭାଷାରେ ଟ୍ୱିଟ୍ କରି କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ତାଗିଦ୍ ମଧ କରୁଛନ୍ତି। ହେଲେ ଏହି କାର୍ଯ୍ୟକ୍ରମର ମୁଖ୍ୟ କର୍ଣ୍ଣଧାର ସାଜିଛନ୍ତି ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ପାଣ୍ଡିଆନଙ୍କୁ ନେଇ ଅତୀତରୁ ଆଜିଯାଏଁ ଅନେକ ଚର୍ଚ୍ଚା ଚାଲିଛି। କେହି କେହି କହୁଛନ୍ତି ଯେ, ପ୍ରକୃତରେ ପାଣ୍ଡିଆନ ହିଁ ଓଡ଼ିଶାକୁ ଚଳାଉଛନ୍ତି। ଆଉ କେହି କେହି ଏହାକୁ ଖଣ୍ଡନ କରି ମଧ କହୁଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନ ହିଁ ରାଜ୍ୟବାସୀଙ୍କୁ ସୁସ୍ଥ ଶାସନ ଦେଉଛି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଯାହା ଜଣାପଡୁଛି ଶ୍ରୀ ପାଣ୍ଡିଆନ 'ମୋ ସରକାର' କାର୍ଯ୍ୟକ୍ରମକୁ ଯେଉଁଳି ଢଙ୍ଗରେ ଆଗେଇ ନେଉଛନ୍ତି ଏବଂ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ହିଁ ତାଙ୍କ କାର୍ଯ୍ୟଦକ୍ଷତା ଓ ବିଶ୍ୱସନୀୟତାର ପ୍ରମାଣ। ବୌଦ୍ଧ ଆହାର କେନ୍ଦ୍ରରେ ଖାଇବା ଠାରୁ ହେଉ କି ମାଲକାନଗିରି ସରକାରୀ ➤ ପୃ-୬

# ରାସନ୍ କାର୍ଡ ଠକେଇ ରୋକିବ ଡି-ଡୁପ୍ଲିକେସନ

**ନୂଆଦିଲ୍ଲୀ:** ମୋଦୀ ସରକାର ଆଧାର କାର୍ଡ ଏବଂ ରାସନ୍ କାର୍ଡରେ ହେଉଥିବା ଠକେଇ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଅନେକ ପରିବର୍ତ୍ତନ କରୁଛନ୍ତି। ନକଲି ନାଁକୁ ପରିଖିବା ପାଇଁ ରାସନ୍ କାର୍ଡକୁ ଆଧାର ନମ୍ବର ସହିତ ଲିଙ୍କ୍ କରିବା ପରେ ସରକାର ଏବେ ଏଭଳି ଏକ ପ୍ରଣାଳୀ ଉପରେ କାର୍ଯ୍ୟ କରୁଛନ୍ତି, ଯେଉଁଥିରେ ରାସନ୍ କାର୍ଡକୁ ଜାରି କରିବା ପୂର୍ବରୁ ଜାତୀୟସ୍ତରରେ ଏହାକୁ ଡି-ଡୁପ୍ଲିକେସନ୍ କରାଯିବ। ଡି-ଡୁପ୍ଲିକେସନ୍ ପରେ ହିଁ ଏହାକୁ



ନୂତନ ଗ୍ରାହକମାନଙ୍କୁ ଜାରି କରାଯିବ। ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ➤ ପୃ-୬

# ସଡ଼କ ସଚେତନତାରେ ଖର୍ଚ୍ଚହେବ ୨.୬ କୋଟି

**ଭୁବନେଶ୍ୱର:** ରାସ୍ତା ଦୁର୍ଘଟଣା ହେଉଥିବା ଜନଜୀବନ ହାନି ଆମର ସାମାଜିକ, ଅର୍ଥନୈତିକ ବିକାଶକୁ ପ୍ରଭାବିତ କରୁଛି। ଏହା ଉପରେ ରୋକ ଲଗାଇବା ପାଇଁ କେନ୍ଦ୍ର ସରକାର ନୂଆ ପରିବହନ ନିୟମ ଦେଶରେ ଲାଗୁ କରିଛନ୍ତି। ଏହାକୁ କଡ଼ାକଡ଼ି ଭାବେ ଲଗୁ କରିବା ପାଇଁ ରାଜ୍ୟ ପରିବହନ ବିଭାଗ ପ୍ରୟାସ ଜାରି ରଖିଛି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସଚେତନତାର ଅଧିକ ଗୁରୁତ୍ୱ ରହିଛି। ତେଣୁ ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସନ ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ଏକ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏନେଇ ପରିବହନ ସଚିବ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଗାଇଡ୍‌ଲାଇନ ଅନୁସାରେ ନୂଆ ପରିବହନ ନିୟମ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱ ଦିଆଯିବ। ତିନୋଟି ଭାଗରେ ରାଜ୍ୟର ୩୫ଟି ପରିବହନ




କାର୍ଯ୍ୟାଳୟକୁ ୩ଟି ଜୋନ୍‌ରେ ଭାଗ କରି ସଚେତନତା ପାଇଁ ଅର୍ଥ ପ୍ରଦାନ କରାଯିବ। ଗ୍ରୁପ-କ କାର୍ଯ୍ୟାଳୟଗୁଡ଼ିକୁ ୧୦ ଲକ୍ଷ, ଗ୍ରୁପ-ଖ କାର୍ଯ୍ୟାଳୟ ଗୁଡ଼ିକୁ ୭.୫ ଲକ୍ଷ ଏବଂ ଗ୍ରୁପ-ଗ କାର୍ଯ୍ୟାଳୟଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହିଭଳି ମୋଟ ୨.୬୦ କୋଟି ଟଙ୍କା ବ୍ୟୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ପରିବହନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ୫ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଗତ ଦଶନ୍ଧି ମଧ୍ୟରେ ଏହି ସଂଖ୍ୟା ୩୫ ହଜାରରେ ପହଞ୍ଚିଛି। ବିଶେଷତଃ ଯୁବକମାନେ ମୃତ୍ୟୁବରଣ କରୁଥିବାରୁ ➤ ପୃ-୬

## ବକ୍ରବାଣୀ



ପେଟ ପାଇଁ ମାଆ ଛୁଆକୁ ବିକେ
ଚାଷୀ ଭିଟାମାଟି ବନ୍ଧକ ରଖେ
ଦାଦନ ଖଟନ୍ତି ପାଠୁଆ ପିଲେ
ମଦ ରାଜସ୍ୱରେ ସର୍କାର ଚାଲେ
ଗରୀବ ରାଇଜେ ଅଜବ କଥା
ଭାବିଲେ ଘଡିଏ ଘୁରାଏ ମଥା
ଖଣି ପାଣି ଖାଇ ମରିନି ଭୋକ
ଫ୍ରୀରେ ଲାପଟପ ନିଅନ୍ତି ଦେଖ
ନେତାଙ୍କୁ ସରମ ଛାଡ଼ି ଗଲାକି
ଲକ୍ଷେ ଟଙ୍କା ତାଙ୍କୁ ବାଇ କଲାକି।

—— ଟୁଟୁ

# ଭାରତ-ଚୀନ ସମ୍ପର୍କର ଏକ ନୂତନ ଯୁଗ ଆରମ୍ଭ: ମୋଦୀ



**ଚେନ୍ନାଇ:** ମାମଲ୍ଲାପୁରମଠାରେ ଅନୁଷ୍ଠିତ ଦ୍ୱିତୀୟ ଅନୌପଚାରିକ ଶିଖର ସମ୍ମିଳନୀ ଭାରତ ଓ ଚୀନ ମଧ୍ୟରେ ସହଯୋଗର ଏକ ନୂତନ ଯୁଗ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି। ମାମଲ୍ଲାପୁରମଠାରେ ଅନୁଷ୍ଠିତ ଅନୌପଚାରିକ ସମ୍ମିଳନୀର ଦ୍ୱିତୀୟ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ ରାଷ୍ଟ୍ରପତି ମିଃ. ସି ଜିନପିଙ୍ଗଙ୍କ ସହଅଧ୍ୟତାରେ ଅନୁଷ୍ଠିତ ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନାରେ ପ୍ରଧାନମନ୍ତ୍ରୀ ତାଙ୍କ ଉଦଘାଟନୀ ବକ୍ତବ୍ୟ ଦେଉଥିଲେ। ଗତ ବର୍ଷ ଉହାନଠାରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଅନୌପଚାରିକ ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଲେ ଯେ ଏହା ଦ୍ୱାରା ଆମ ସମ୍ପର୍କରେ ସ୍ଥିରତା ବୃଦ୍ଧି ପାଇବା ସହ ଏହାକୁ ଏକ ନୂତନ ଗତି ମିଳିଛି। ସେ କହିଥିଲେ, ଦୁଇ ଦେଶ ➤ ପୃ-୬







## ଓଡ଼ିଶା ଛାଡ଼ିବ ମୌସୁମୀ

**ଭୁବନେଶ୍ୱର:** ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆକଳନ କରାଯାଉଛି। ତେବେ ଏହି ପ୍ରକ୍ରିୟା ୧୫ ତାରିଖରୁ ଆରମ୍ଭ ହେବା ସହ ଚଳିତ ବର୍ଷର ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେବ ବୋଲି ଜଣାପଡ଼ିଛି। ସ୍ୱାଭାବିକ ଭାବେ ସେପ୍ଟେମ୍ବର ୧୦ରୁ ୧୫ ତାରିଖ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଚଳିତ ବର୍ଷ ଦେଶରେ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବାରେ ପ୍ରାୟ ୧ ମାସ ବିଳମ୍ବ ହୋଇଛି। ରବିବାର ସୁଦ୍ଧା ଗୁଜୁରାଟ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଆସନ୍ତା ୨/୩ ଦିନ ଭିତରେ କେନ୍ଦ୍ରୀୟ ଭାରତ ସମେତ ଭାରତର ଉତ୍ତର ପୂର୍ବଦିଗରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ ଜମି କ୍ରୟ କରି ଠକାମିର ଶିକାର ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। ମାନସିକ ଅଶାନ୍ତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କର୍କଟ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ସିଂହ** ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ପରିବାରରେ ମନୋମାଳିନ୍ୟ ଦେଖାଦେବ।

**କନ୍ୟା** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।


**ବିଛା** ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। କଳାକାରମାନେ ପ୍ରଶଂସିତ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ।

**ଧନୁ** ଆର୍ଥିକ ପରିସ୍ଥିତି ସୁଦୃଢ଼ ହେବ। ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରତିପାଦିତ କରିବେ। ନୂଆ ଦପ୍ତର ଖୋଲିବା ସହିତ ଧର୍ମାନୁଷ୍ଠାନ ସହିତ ଯୋଡି ହେବାର ସୁଯୋଗ ରହିଛି। ପରିବାରରେ ଶାନ୍ତି ବଜାୟ ରହିବ।

**ମକର** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମାର ବିବାଦ ବଢ଼ିଯିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**କୁମ୍ଭ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗ ଦେଇ ଖୁସି ଅନୁଭବ କରିବେ। ବିବାହ ଆଶାୟୀମାନେ ଅସଫଳ ହେବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅସଫଳ ହେବେ। ରାଜନୈତିକ ବ୍ୟକ୍ତିମାନେ ଅଶୁଭଫଳ ପାଇବେ।


**ମୀନ** ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଋଣରୁ ମୁକ୍ତି ମିଳିବ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# 'ଆତଙ୍କୀ ଦମନ ପାଇଁ ସେନା ସହାୟତା ଦେବାକୁ ଭାରତ ପ୍ରସ୍ତୁତ'

**କର୍ନ୍ନାଲ:** ପାକିସ୍ତାନରୁ ଆତଙ୍କୀ ଦମନ ପାଇଁ ଭାରତ ଇସ୍‌ଲାମାବାଦକୁ ଏକ ଅଭିନବ ପ୍ରସ୍ତାବ ଦେଇଛି। ଆତଙ୍କୀ ଦମନ ପାଇଁ ଇସ୍‌ଲାମାବାଦ ଚାହିଁଲେ ପାକିସ୍ତାନକୁ ଭାରତ ସେନା ପଠାଇବାକୁ ପ୍ରସ୍ତୁତ ଅଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ସେ କହିଛନ୍ତି, ଯଦି ପାକିସ୍ତାନ ପ୍ରକୃତରେ ତା' ମାଟିରେ ଆତଙ୍କବାଦୀଙ୍କୁ ଦମନ କରିବା ପାଇଁ ଆନ୍ତରିକତାର ସହ ଚାହୁଁଛି, ତା'ହେଲେ ଭାରତ ଏ କ୍ଷେତ୍ରରେ ପାକିସ୍ତାନକୁ ସେନା ସହାୟତା ଯୋଗାଇଦେବ। ଆଉ ଯଦି ପାକିସ୍ତାନ ଭାରତ ବିରୋଧୀ ଆଭିମୁଖ୍ୟ ନବଦଳାଏ, ତେବେ ୧୯୭୧ର ପୁନରାବୃତ୍ତି ଘଟିବ ଓ ଏହା ଖଣ୍ଡ ବିଖଣ୍ଡିତ ହୋଇଯିବ। ଏଥିରୁ ପାକିସ୍ତାନକୁ କୌଣସି ଶକ୍ତି ରକ୍ଷା କରିପାରିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ହରିଆଣାର କର୍ନ୍ନାଲ ଠାରେ ରବିବାର ଏକ ଜନସଭାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସମ୍ବୋଧନ କରି କହିଛନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମୁଁ ଭଦ୍ରତାର ସହ ପ୍ରସ୍ତାବ ଦେଉଛି, ସେ ଯଦି ଆତଙ୍କବାଦ



ବିରୋଧରେ ପ୍ରକୃତରେ ଲଢ଼େଇ କରିବାକୁ ଚାହୁଁଛନ୍ତି, ତା'ହେଲେ ଆମେ ତାଙ୍କୁ ସହାୟତା ଦେବା ପାଇଁ ଭାରତୀୟ ସେନାକୁ ପଠାଇବାକୁ ପ୍ରସ୍ତୁତ ଅଛୁ। ଇମ୍ରାନ୍‌ଙ୍କ ଏକ ବୟାନ ମୋ କାନରେ ବାଜିଛି। ସେ କହିଛନ୍ତି, କଶ୍ମୀର ସ୍ୱାଧୀନ ନ ହେବା ପର୍ଯ୍ୟନ୍ତ ଆମେ ଏଥିନେଇ ସଂଗ୍ରାମ ଜାରି ରଖିବୁ। ସେ ମଧ୍ୟ ଆହୁରି କହିଛନ୍ତି, ତାଙ୍କ ଦେଶ ଅନ୍ତର୍ଜାତୀୟ ଫୋରମ୍‌ଗୁଡ଼ିକରେ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରି ଚାଲିବ। ତେବେ ତାଙ୍କୁ ମୁଁ କହୁଛି, କଶ୍ମୀରକୁ ଭୁଲିଯାଅ। ସେ ବିଷୟ ଆଦୌ ମନକୁ ଆଣ ନାହିଁ। ଯେତେ ପାରୁଛ ଏହି ପ୍ରସଙ୍ଗ ଉଠାଅ। ହେଲେ କିଛି ଲାଭ ହେବ ନାହିଁ। କେହି ଆମ ଉପରେ ଚାପ ପକାଇ ପାରିବେ ନାହିଁ। ପାକିସ୍ତାନକୁ ଟାର୍ଗେଟ୍ କରି ରାଜନାଥ କହିଲେ, ୧୯୪୭ରେ ତୁମେ ଭାରତକୁ ଦୁଇ ଖଣ୍ଡ କରିଦେଲ। କିନ୍ତୁ ୧୯୭୧ରେ ତୁମ ଦେଶ ପୁଣି ଦୁଇ ଭାଗ ହୋଇଗଲା। ଯଦି ଏଭଳି ପରିସ୍ଥିତି ଜାରିରହେ, ଭବିଷ୍ୟତରେ ପାକିସ୍ତାନ ପୁଣି ଭାଗ ଭାଗ ହୋଇଯିବ। କୌଣସି ଶକ୍ତି ଏହାକୁ ରୋକି ପାରିବେ ନାହିଁ। ପାକିସ୍ତାନ ଭାରତ ବିରୋଧରେ କୌଣସି ଦୁଃସାହସିକ ପଦକ୍ଷେପ ନେଲେ ଆମ ଦେଶ ତା'ର ଠିକଣା ଜବାବ ଦେବାକୁ ସକ୍ଷମ ବୋଲି ରାଜନାଥ ଦୃଢ଼ତାର ସହ କହିଛନ୍ତି।

### ଜମ୍ମୁ ଓ କଶ୍ମୀର ବିସ୍ଥାପିତ ପରିବାର ପାଇଁ ୫.୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା

# ସାମିଲ ହେବେ ବାଦ୍ ପଡ଼ିଥିବା ୫,୩୦୦ ପରିବାର

**ନୂଆଦିଲ୍ଲୀ,(ପିଆଇବି):** ଜମ୍ମୁ ଓ କଶ୍ମୀରର ବିସ୍ଥାପିତ ପରିବାର ଲାଗି କେନ୍ଦ୍ର ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ପାକ ଅଧିକୃତ ଜମ୍ମୁ ଓ କଶ୍ମୀର ଏବଂ ଛାମ୍ବରରୁ ବିସ୍ଥାପିତ ହୋଇଥିବା ପରିବାରଗୁଡ଼ିକୁ ଜମ୍ମୁ ଓ କଶ୍ମୀର ପାଇଁ ୨୦୧୫ରେ ଘୋଷଣା କରାଯାଇଥିବା ପ୍ରଧାନମନ୍ତ୍ରୀ ବିକାଶ ପ୍ୟାକେଜ ଅନ୍ତର୍ଗତ ପୂର୍ବଘୋଷିତ ଥଇଥାନ ଯୋଜନାରେ ସାମିଲ କରାଯିବ। ଏଥିରେ ପୂର୍ବରୁ ରାଜ୍ୟ ବାହାରକୁ ଚାଲିଯାଇଥିବା ଏବଂ ପରେ ପୁଣି ରାଜ୍ୟକୁ ଫେରି ଅବସ୍ଥାପିତ ହୋଇଥିବା ୫,୩୦୦ ପରିବାରଙ୍କୁ ସାମିଲ କରିବା ପ୍ରସ୍ତାବକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ୩୦.୧୧.୨୦୧୬ରେ କେନ୍ଦ୍ର କ୍ୟାବିନେଟ ଜମ୍ମୁ ଓ କଶ୍ମୀର ବିସ୍ଥାପିତଙ୍କ ପାଇଁ ଥଇଥାନ ପ୍ୟାକେଜ ଘୋଷଣା କରିଥିଲେ। ଲାଭ : ଏହି ଅନୁମୋଦନ ଫଳରେ ବିସ୍ଥାପିତ ପରିବାରଗୁଡ଼ିକ ବର୍ତ୍ତମାନର ଯୋଜନା ଅନ୍ତର୍ଗତ ୫.୫ ଲକ୍ଷ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପାଇବା ଲାଗି ଯୋଗ୍ୟ ବିବେଚିତ ହେବେ। ସେହିପରି ଏହି ଯୋଜନାର ଉଦ୍ଦେଶ୍ୟ ଅନ୍ତର୍ଗତ ସେମାନେ କିଛି ସ୍ଥିର ଆୟ ପାଇବାକୁ ଯୋଗ୍ୟ ହୋଇପାରିବେ। ଏଠାରେ ସୂଚନାଯୋଗ୍ୟ ଯେ ୧୯୪୭ରେ ପାକିସ୍ତାନର ଆକ୍ରମଣ ଫଳରେ ପାକ ଅଧିକୃତ ଜମ୍ମୁ ଓ କଶ୍ମୀର (ପିଓକେ)ର ୩୧,୬୧୯ ପରିବାର ଜମ୍ମୁ ଓ କାଶ୍ମୀର ରାଜ୍ୟକୁ ଚାଲିଆସିଥିଲେ। ଏମାନଙ୍କ ମଧ୍ୟରୁ ୨୬,୩୧୯ ପରିବାର ଜମ୍ମୁ ଓ କଶ୍ମୀର ରାଜ୍ୟରେ ରହିଯାଇଥିଲେ। ବାକି ୫୩୦୦ ପରିବାର ଦେଶର ଅନ୍ୟ ପ୍ରାନ୍ତକୁ ରହିବା ପାଇଁ ଚାଲିଯାଇଥିଲେ। ଆହୁରି ୧୯୬୫ ଏବଂ ୧୯୭୧ ଯୁଦ୍ଧ ସମୟରେ ଅଧିକ ୧୦,୦୬୫ଟି ପରିବାର ଛାମ୍ବ ନିୟାବତ ଅଂଚଳରୁ ବିସ୍ଥାପିତ ହୋଇଥିଲେ। ୧୯୬୫ ଯୁଦ୍ଧ ସମୟରେ ୩୫୦୦ ପରିବାର ବିସ୍ଥାପିତ ହୋଇଥିବା ବେଳେ ୧୯୭୧ ଯୁଦ୍ଧ ସମୟରେ ୬୫୬୫ ପରିବାର ବିସ୍ଥାପିତ ହୋଇଥିଲେ। ୩୦.୧୧.୨୦୧୬ରେ କ୍ୟାବିନେଟ ଅନୁମୋଦିତ ଥଇଥାନ ପ୍ୟାକେଜରେ ୩୬,୩୮୪ ପରିବାରକୁ ସାମିଲ କରାଯାଇଥିଲା। ଏମାନଙ୍କ ମଧ୍ୟରେ ପାକ ଅଧିକୃତ ଜମ୍ମୁ ଓ କଶ୍ମୀରର ୨୬,୩୧୯ ପରିବାର ଏବଂ ଛାମ୍ବ ନିୟାବତ ଅଂଚଳରୁ ବିସ୍ଥାପିତ ୧୦,୦୬୫ ପରିବାର ସାମିଲ ରହିଛନ୍ତି। ତେବେ ପୂର୍ବରୁ ପାକ ଅଧିକୃତ ଜମ୍ମୁ ଓ କଶ୍ମୀରରୁ ବିସ୍ଥାପିତ ହୋଇ ଦେଶର ଅନ୍ୟ ସ୍ଥାନକୁ ଚାଲିଯାଇଥିବା ଏବଂ ପରେ ଜମ୍ମୁ ଓ କଶ୍ମୀର ରାଜ୍ୟକୁ ଫେରି ଅବସ୍ଥାପିତ ହୋଇଥିବା ୫୩୦୦ ପରିବାରକୁ ଏହି ପ୍ୟାକେଜରେ ସାମିଲ କରାଯାଇନଥିଲା। ଯୁଦ୍ଧ ଏବଂ ପଣବନ୍ଦୀ ଦ୍ୱାରା ପ୍ରପିଡ଼ିତ ହୋଇ ୧୯୪୭ରେ ବିସ୍ଥାପିତ ହୋଇଥିବା ଏହି ୫୩୦୦ ପରିବାର ବର୍ତ୍ତମାନର ଯୋଜନାରେ ସାମିଲ ହେବା ଫଳରେ ସେମାନେ ସୁବିଧାଜନକ ମାସିକ ରୋଜଗାର ପାଇବାରେ ସଫଳ ହେବେ ଏବଂ ଆର୍ଥିକ ମୁଖ୍ୟ ସ୍ରୋତକୁ ଫେରିପାରିବେ। ଏପରି ବିସ୍ଥାପିତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ସରକାରଙ୍କ ସାମର୍ଥ୍ୟକୁ ଏହା ମଧ୍ୟ ବୃଦ୍ଧି କରିବ। ଏହି ଯୋଜନାରେ ପୂର୍ବରୁ ମଞ୍ଜୁର ହୋଇଥିବା ପାଣ୍ଠିରୁ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ।

## କେରଳର ନନ୍ ମରିୟମ୍ ସନ୍ଥ ଘୋଷିତ

**ଥିରୁବନନ୍ତପୁରମ:** ପୋପ୍ ଫ୍ରାନ୍‌ସିସ୍ କେରଳର ସିଷ୍ଟର ମରିୟମ୍ ଥ୍ରେସିଆଙ୍କୁ ସନ୍ଥ ଘୋଷଣା କରିଛନ୍ତି। ତାଙ୍କୁ ମୃତ୍ୟୁର ୯୩ ବର୍ଷ ପରେ ସନ୍ଥ ଘୋଷଣା କରାଯାଇଛି। ୧୮୭୯ରେ



କେରଳର ଥ୍ରିସୁରରେ ଜନ୍ମଗ୍ରହଣ କରିଥିବା ସିଷ୍ଟର ମରିୟମ୍ ୧୯୧୪ରେ 'କଙ୍ଗ୍ରିଗେସନ୍ ଅଫ୍ ଦି ହୋଲି ଫ୍ୟାମିଲି' ପ୍ରତିଷ୍ଠା କରିଥିଲେ। ୨୦୦୦ ଏପ୍ରିଲ ୯ରେ ତାଙ୍କୁ ଜନ୍‌ପଲ୍ ଦ୍ୱିତୀୟ 'ଧନ୍ୟ' ଘୋଷଣା କରିଥିଲେ। କୌଣସି କ୍ୟାଥୋଲିକ୍ ନନ୍‌ଙ୍କୁ ସନ୍ଥ ଘୋଷଣା କରିବାର ଏହା ହେଉଛି ପ୍ରାଥମିକ ପ୍ରକ୍ରିୟା। ସିଷ୍ଟର ଥ୍ରେସିଆ ୩୮ ବର୍ଷ ବୟସରେ ନନ୍ ହେବା ପରେ ୧୧ ବର୍ଷ ଧରି ଏହି ପଦରେ ସେବା କରିଥିଲେ। ସେ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଦୃଢ଼ କରିବା ସହ ଗରିବଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିଲେ। ଚଳିତ ବର୍ଷ ଫେବୃଆରୀ ମାସରେ ପୋପ୍ ଫ୍ରାନ୍‌ସିସ୍ ସିଷ୍ଟର ଥ୍ରେସିଆଙ୍କ ଅଲୌକିକ କାର୍ଯ୍ୟକୁ ସ୍ୱୀକୃତି ଦେଇଥିଲେ।

### ପିଏମ-କିଷାନ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସହ ଆଧାର ଯୋଡ଼ିବା ବାଧ୍ୟତାମୂଳକ

# ନିୟମ କୋହଳ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ବ୍ୟାଙ୍କ ଖାତା ସହ ଆଧାର ଯୋଡ଼ିବାର ବାଧ୍ୟତାମୂଳକ ନିୟମକୁ କୋହଳ କରିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ମଞ୍ଜୁର କରାଯାଇଛି। ଏହି ଯୋଜନା ଅନ୍ତର୍ଗତ କେତେକ ବ୍ୟତିକ୍ରମକୁ ବାଦ ଦେଲେ ଜମି ଥିବା କୃଷକ ପରିବାରଗୁଡ଼ିକୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ଚାରି ମାସରେ ୨ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ତିନୋଟି କିସ୍ତିରେ ପ୍ରଦାନ କରାଯାଇଥାଏ। ଏହି ଅର୍ଥରାଶି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଜମା କରାଯାଇଥାଏ। ଏହି ଯୋଜନା ଅନ୍ତର୍ଗତ ୧ ଅଗଷ୍ଟ, ୨୦୧୯ ପରେ ହିତାଧିକାରୀଙ୍କୁ ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ପୂର୍ବରୁ ଡିସେମ୍ବର ୨୦୧୮ ଓ ମାର୍ଚ୍ଚ ୨୦୧୯ରେ ହିତାଧିକାରୀଙ୍କୁ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଥିଲା। ଏହି ଅର୍ଥରାଶି କେବଳ ଆଧାର ସଂଖ୍ୟା ଥିବା ବ୍ୟାଙ୍କ ଖାତାଧାରୀଙ୍କୁ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ହିତାଧିକାରୀଙ୍କୁ ୧ ଅଗଷ୍ଟ, ୨୦୧୯ରେ ପ୍ରଥମ କିସ୍ତି କେବଳ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଂଟ ଜରିଆରେ ଦିଆଯାଇଥାନ୍ତା। ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଂଟ ଜରିଆରେ ଅର୍ଥ ପଇଠ ସମ୍ଭବ ହେଉନଥିବାରୁ ଆସାମ, ମେଘାଳୟ ଓ ଜମ୍ମୁ ଓ କଶ୍ମୀରର କୃଷକଙ୍କ ପାଇଁ ୩୧ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଏହି ନିୟମ କୋହଳ କରାଯାଇଛି। ତେବେ ୧ ଅଗଷ୍ଟ, ୨୦୧୯ ପରେ କିସ୍ତି ଜାରି କରିବାର ନିର୍ଦ୍ଧାରିତ ସମୟ ସୁଦ୍ଧା ଅର୍ଥରାଶି ଜାରି କରିବା ଲାଗି ୧୦୦ ପ୍ରତିଶତ ଆକାଉଂଟକୁ ଆଧାର ସହିତ ଯୋଡ଼ିବା ସମ୍ଭବ ହୋଇପାରିଲା ନାହିଁ। ବର୍ତ୍ତମାନ କୃଷକମାନେ ରବି ଋତୁ ପାଇଁ ପ୍ରସ୍ତୁତି କରୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ କୃଷି ସହ ଜଡ଼ିତ ଅନେକ କାର୍ଯ୍ୟ ଯେପରିକି ବିହନ କ୍ରୟ, ମାଟି ପ୍ରସ୍ତୁତି ଏବଂ ଜଳସେଚନ ଗତିବିଧି, ମେସିନ ଏବଂ ସରଞ୍ଜାମ ରକ୍ଷଣାବେକ୍ଷଣ ଲାଗି ଅର୍ଥର ନିତାନ୍ତ ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ସହିତ, ନିକଟରେ ଆରମ୍ଭ ହୋଇଥିବା ପାର୍ବଣ ଋତୁରେ ମଧ୍ୟ ଗରିବ କୃଷକ ପରିବାର ଉପରେ ଅତିରିକ୍ତ ଅର୍ଥ ବୋଝ ପଡ଼ିବ। ଆଧାର ସଂଖ୍ୟା ସହିତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ସଂଯୋଗ କରାଯାଇ ନପାରିବା କାରଣରୁ ପରବର୍ତ୍ତୀ କିସ୍ତି ଜାରି ହେବାରେ ବିଳମ୍ବ ହେବ । ଏହି କାରଣରୁ କୃଷକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବ। ସେଥିପାଇଁ ୧ ଅଗଷ୍ଟ ୨୦୧୯ ପରେ ହିତାଧିକାରୀଙ୍କୁ ଲାଭ ଜାରି କରିବା ଲାଗି ବ୍ୟାଙ୍କ ଆକାଉଂଟକୁ ଆଧାର ସଂଖ୍ୟା ସହ ଯୋଡ଼ିବାର ବାଧ୍ୟତାମୂଳକ ନିୟମକୁ କୋହଳ କରାଯାଇଛି। ଫଳରେ ବହୁ ସଂଖ୍ୟକ କୃଷକମାନଙ୍କୁ ତୁରନ୍ତ ଅର୍ଥରାଶି ପ୍ରଦାନ କରାଯିବା ସମ୍ଭବ ହେବ। ଲାଭ ଜାରି କରିବା ଲାଗି ଏହି ବାଧ୍ୟତାମୂଳକ ନିୟମ ୧ ଡିସେମ୍ବର, ୨୦୧୯ ପରେ ଲାଗୁ ହେବ। ସରକାର କିସ୍ତି ପଇଠ କରିବା ପୂର୍ବରୁ ଏହି ତଥ୍ୟର ବୈଧତା ଲାଗି ସରକାର ଆବଶ୍ୟକ ଉପାୟ କରିବେ।

## ମହଙ୍ଗା ଭତ୍ତା ୫% ବୃଦ୍ଧି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନ ଭୋଗୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ଓ ସହାୟତା ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ୧ ତାରିଖଠାରୁ ଏହା ପିଛିଲା ଭାବେ ଲାଗୁ ହେବ। ଦର ବୃଦ୍ଧିକୁ ଭରଣା କରିବା ପାଇଁ ମୂଳ ଦରମା ଓ ଭତ୍ତା ଉପରେ ବର୍ତ୍ତମାନର ପ୍ରଚଳିତ ୧୨ ପ୍ରତିଶତ ମହଙ୍ଗା ଭତ୍ତାକୁ ୫% ବୃଦ୍ଧି କରାଯିବ। ସପ୍ତମ ବେତନ କମିଶନର ସୁପାରିଶ ଆଧାରରେ ସ୍ଥିର କରାଯାଇଥିବା ସୂତ୍ର ଅନୁଯାୟୀ ଏହି ମହଙ୍ଗା ଭତା ବୃଦ୍ଧି ଲାଗୁ କରାଯାଇଛି। ଏହି ମହଙ୍ଗା ଭତ୍ତା ଓ ସହାୟତା ରାଶି ଲାଗୁ କରାଯିବା ଦ୍ୱାରା ରାଜକୋଷ ଉପରେ ୨୦୧୯-୨୦ ଆର୍ଥିକ ବର୍ଷରେ (ଜୁଲାଇ ୨୦୧୯ରୁ ଫେବୃଆରୀ ୨୦୨୦, ୮ ମାସ ପର୍ଯ୍ୟନ୍ତ) ୧୫୯୦୯.୩୫ ଏବଂ ୧୦୬୦୬.୨୦ କୋଟି ଟଙ୍କାର ବୋଝ ପଡିବ। ଏହା ଲାଗୁ ହେବା ପରେ ପ୍ରାୟ ୪୯.୯୩ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଓ ୬୫.୨୬ ଲକ୍ଷ ପେନସନ ଧାରୀ ଉପକୃତ ହେବେ। ଦର ବୃଦ୍ଧି ଅନୁଯାୟୀ ସରକାରୀ କର୍ମଚାରୀ ଓ ପେନସନ ଧାରୀଙ୍କ ପାଇଁ ମହଙ୍ଗା ଭତ୍ତା ଓ ସହାୟତା ରାଶି ପ୍ରଦାନ କରାଯାଇଥାଏ। ପ୍ରତି ବର୍ଷ ଜାନୁଆରୀ ୧ ଏବଂ ଜୁଲାଇ ୧ରେ ମହଙ୍ଗା ଭତ୍ତା ଓ ସହାୟତା ରାଶିକୁ ପୁନଃ ନିର୍ଦ୍ଧାରିତ କରାଯାଇଥାଏ।

# ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଅଭିନବ ଶିକ୍ଷା କାର୍ଯ୍ୟକ୍ରମ- 'ଧ୍ରୁବ'

**ବେଙ୍ଗାଲୁରୁ:** ବେଙ୍ଗାଲୁରସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପରିସରରୁ 'ପ୍ରଧାନମନ୍ତ୍ରୀ ଅଭିନବ ଶିକ୍ଷା କାର୍ଯ୍ୟକ୍ରମ-ଧ୍ରୁବ'ର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ'। ଏହି କାର୍ଯ୍ୟକ୍ରମ ଅସାଧାରଣ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀଙ୍କ ଜୀବନର ମୋଡ଼ ବଦଳାଇଦେବ। ଏହା ମେଧାବୀ ତଥା ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭାର ବିକାଶ ଲାଗି ମଂଚ ଯୋଗାଇ ଦେବ। ବିଜ୍ଞାନ, କଳା, ସୃଜନଶୀଳ ରଚନା ଆଦି ନିଜ ପସନ୍ଦର କ୍ଷେତ୍ରରେ ସେମାନଙ୍କୁ ଉତ୍କର୍ଷ ହାସଲ ଲାଗି ସହାୟତା ମିଳିପାରିବ। ଏହି ମାର୍ଗରେ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀ ନିଜ ଭିତରେ ଥିବା ସମ୍ଭାବନାକୁ ବାସ୍ତବ ରୂପ ଦେବା ସହିତ ସାମଗ୍ରିକ ଭାବେ ସମାଜକୁ ଯୋଗଦାନ ଦେଇପାରିବେ। ଇସ୍ରୋର ଅଧ୍ୟକ୍ଷ ଡ. କେ ଶିବନ, ଭାରତର ପ୍ରଥମ ମହାକାଶଚାରୀ ୱିଙ୍ଗ କମାଣ୍ଡର ରାକେଶ ଶର୍ମା, ଅଟଳ ଇନୋଭେସନ ମିଶନର ନିର୍ଦ୍ଦେଶକ ଆର. ରମଣନ ଏହି ଅବସରରେ ଉପସ୍ଥିତ ଥିଲେ। ଧ୍ରୁବ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଚୟନ ହୋଇଥିବା ୬୦ଜଣ ପ୍ରତିଭାବାନ ବିଦ୍ୟାର୍ଥୀ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଛାତ୍ରଛାତ୍ରୀ ମଧ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀମାନେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ, ଡ. ଶିବନ ଓ ରାକେଶ ଶର୍ମାଙ୍କ ଠାରୁ ସେମାନଙ୍କ ଜୀବନ ଅନୁଭୂତି, ସଂଘର୍ଷ ଓ ସଫଳତା ବିଷୟରେ ଜାଣିବାକୁ ପାଇଥିଲେ। ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କ ଦକ୍ଷତା ଓ ଜ୍ଞାନର ବିକାଶ ଲାଗି ପ୍ରଧାନମନ୍ତ୍ରୀ ଅଭିନବ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହା ଅନ୍ତର୍ଗତ ଦେଶର ବିଭିନ୍ନ ସ୍ଥାନରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଠାରେ ବିଶେଷଜ୍ଞଙ୍କ ଦ୍ୱାରା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କର ମାର୍ଗଦର୍ଶନ କରାଯାଇ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ବିକଶିତ କରିବାରେ ସହାୟତା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶା କରାଯାଉଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ନିଶଙ୍କ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ




ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଆଧାରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ଏବଂ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବା ନେଇ ସେ ଖୁସି ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ନିଶଙ୍କ କହିଥିଲେ ଯେ ଆମେ କଳା ଓ ବିଜ୍ଞାନ କ୍ଷେତ୍ରର ଛାତ୍ରଛାତ୍ରୀଙ୍କୁ ଏକତ୍ର ଏହି କାର୍ଯ୍ୟକ୍ରମରେ ସାମିଲ କରିଛୁ। ସାରା ଦେଶରୁ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରାଯାଇଥିବାରୁ ଏହା ଏକ ଭାରତ ଶ୍ରେଷ୍ଠ ଭାରତ ଭାବନାକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ଧ୍ରୁବ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାର୍ଥୀ ପ୍ରତିଭାର ବିକାଶ ଲାଗି ସୁଯୋଗ ପାଇବା ସହିତ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠ ଉଦ୍ଭାବକ ହୋଇପାରିବେ। କାର୍ଯ୍ୟକ୍ରମର ସଫଳତା ଦ୍ୱାରା ସାରା ଦେଶର ୩୩ କୋଟି ଛାତ୍ରଛାତ୍ରୀ ଅନୁପ୍ରାଣିତ ହୋଇପାରିବେ। ଧ୍ରୁବ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚରେ ୬୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁଇଟି କ୍ଷେତ୍ର କଳା ଏବଂ ବିଜ୍ଞାନ ଲାଗି ୩୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ବଛାଯାଇଛି। ସାରା ଦେଶରେ ଥିବା ବିଭିନ୍ନ ଘରୋଇ ଏବଂ ସରକାରୀ ସ୍କୁଲର ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ଏଥିରେ ସାମିଲ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଏହି ଛାତ୍ରଛାତ୍ରୀଙ୍କ ଲାଗି ଏକ ୧୪ ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ କ୍ଷେତ୍ରର ୩୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନେଇ ୧୦ ଜଣିଆ ତିନିଟି ଲେଖାଏଁ ଗ୍ରୁପ ଗଠନ କରାଯାଇଥିଲା। ବିଜ୍ଞାନ ବିଷୟର ଛାତ୍ରଛାତ୍ରୀ ଜଣେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ପ୍ରକଳ୍ପ ପ୍ରଦର୍ଶନ କରିବେ। ସେହିପରି କଳା କ୍ଷେତ୍ରର ଛାତ୍ରଛାତ୍ରୀ ସଂସ୍କୃତି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦୁଇଟି କ୍ଷେତ୍ରର ୬ଟି ଟିମ୍‌କୁ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ଯଥା ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଆତଙ୍କବାଦ ଆଦି ବିଷୟବସ୍ତୁ ଉପରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦିଆଯିବ। ଏହି ଛାତ୍ରଛାତ୍ରୀ ୧୪ରୁ ୨୩ ଅକ୍ଟୋବର ପର୍ଯ୍ୟନ୍ତ ଦିଲ୍ଲୀ ଆଇଆଇଟି ଏବଂ ଜାତୀୟ ବାଲ ଭବନ ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଅକ୍ଟୋବର ୨୩ ତାରିଖରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ୬ଟି ଗ୍ରୁପ ଉପରୋକ୍ତ ବିଷୟବସ୍ତୁ ଉପରେ ସେମାନଙ୍କ ପ୍ରକଳ୍ପ/କଳା ପ୍ରଦର୍ଶନ କରିବେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ।

### +୨ ପରୀକ୍ଷାରେ ହେବ ସଂସ୍କାର

# ଦ୍ୱିତୀୟ ବର୍ଷରେ ୭୫% ଉପସ୍ଥାନ ବାଧ୍ୟତାମୂଳକ

**ଭୁବନେଶ୍ୱର:** ୨୦୨୦-୨୧ ଶିକ୍ଷାବର୍ଷରୁ ଯୁକ୍ତଦୁଇ ପରୀକ୍ଷାରେ ହେବ ସଂସ୍କାର। ବିଶେଷକରି ଜିରୋ ରେଜଲ୍ଟ ଟାର୍ଗେଟ ରଖିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଯେପରି ପାସ ହାର ବୃଦ୍ଧି ହେବ ଏବଂ କଲେଜରେ ଜିରୋ ରେଜଲ୍ଟ ରହିବ ସେ ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ ଜିରୋ ରେଜଲ୍ଟ କଲେଜ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବ୍ୟତୀତ ଯୁକ୍ତ୨ ପରୀକ୍ଷା ପରିଚାଳନା ଏବଂ ପରୀକ୍ଷା ପଦ୍ଧତିରେ ମଧ୍ୟ ବ୍ୟାପକ ପରିବର୍ତ୍ତନ କରାଯିବ। ପୂର୍ବରୁ ପ୍ରଶ୍ନପତ୍ରରେ ଉଭୟ ପ୍ରଥମ ବର୍ଷ ଏବଂ ୨ୟ ବର୍ଷର ବିଷୟରୁ ପ୍ରଶ୍ନ ରହୁଥିବା ବେଳେ ଗତ ୫ବର୍ଷ ହେବ କେବଳ ୨ୟ ବର୍ଷରୁ ପ୍ରଶ୍ନପତ୍ର ରହୁଛି। ଏହାବ୍ୟତୀତ ୨ୟ ବର୍ଷକୁ ଉତ୍ତୀର୍ଣ୍ଣ ହେବା ଲାଗି ପ୍ରଥମ ବର୍ଷରେ କୌଣସି ପରୀକ୍ଷା କିମ୍ବା ଉପସ୍ଥାନକୁ ଗୁରୁତ୍ୱ ଦିଆଯାଉନଥିଲା। ତେଣୁ ଆସନ୍ତା ପରୀକ୍ଷା ଲାଗି ପ୍ରାଥମିକସ୍ତରରୁ ପରିବର୍ତ୍ତନ କରିବାକୁ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାବ୍ୟତୀତ ୨ୟବର୍ଷ ପରୀକ୍ଷା ଲାଗି କ୍ଲାସରେ ଉପସ୍ଥାନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। +୨ଶେଷ ବର୍ଷ ପରୀକ୍ଷା ଲାଗି ଦ୍ୱିତୀୟ ବର୍ଷରେ ୭୫ପ୍ରତିଶତ ଉପସ୍ଥାନ ଏବଂ ପ୍ରଥମ ବର୍ଷର ସର୍ବନିମ୍ନ ୬୦ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯିବ। ପ୍ରଥମବର୍ଷ ଯଦି ପିଲାଙ୍କର ଉପସ୍ଥାନ କମ୍ ରହେ ତେବେ ଡାକ୍ତରୀ ସାର୍ଟିଫିକେଟ୍ ଦାଖଲ କରିବାକୁ ମଧ୍ୟ ବାଧ୍ୟତାମୂଳକ ରହିଛି। ରାଜ୍ୟରେ ଯୁକ୍ତଦୁଇ ପରୀକ୍ଷାରେ 'ଜିରୋ ରେଜଲ୍ଟ' ହଟାଇବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଗତ ୨୦୧୭ରେ ରାଜ୍ୟରେ ୩ଟି କଲେଜରେ ଜିରୋ ରେଜଲ୍ଟ ହୋଇଥିବା ବେଳେ ୨୦୧୮ରେ କୌଣସି କଲେଜରେ ଜିରୋ ରେଜଲ୍ଟ ନଥିଲା। ମାତ୍ର ୨୦୧୯ରେ ରାଜ୍ୟର ୯ଟି କଲେଜରେ ଜିରୋ ରେଜଲ୍ଟକୁ ନେଇ ବିଭାଗର ଚିନ୍ତା ବଢ଼ିଥିଲା। କେଉଁ କାରଣରୁ ରାଜ୍ୟରେ ଏପରି ସ୍ଥିତି ଉପୁଜିଥିଲା ତାହାର ତଦନ୍ତ ମଧ୍ୟ କରାଯାଇଥିଲା। ତେବେ ପୂର୍ବରୁ ଯେଉଁ ପଦ୍ଧତିରେ ଯୁକ୍ତଦୁଇ ପରୀକ୍ଷାରେ ପରିଚାଳନା ହେଉଛି ସେଥିରେ ସଂସ୍କାର ଆଣିବା ଲାଗି ଉଭୟ ସିଏଚ୍ଏସ୍ଇ ଏବଂ ସବୁ ଜୁନିୟର କଲେଜର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜୁନିୟର କଲେଜରେ ଶିକ୍ଷାଦାନ ପଦ୍ଧତିରେ ପରିବର୍ତ୍ତନ ଲାଗି ବିଭାଗୀୟ ମନ୍ତ୍ରୀ କଡ଼ା ପଦକ୍ଷେପ ଗ୍ରହଣ କରିଥିବା ବେଳେ କଲେଜରେ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥାନ ଏବଂ ପାଠପଢ଼ା ସମୟ ଆଦି ତଦାରଖ କରାଯାଉଛି। ତେବେ ପରୀକ୍ଷା ପରିଚାଳନା ଏବଂ ଶିକ୍ଷାଦାନ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାକୁ ଯୋଜନା କରାଯାଇଛି। ଯେଉଁଥିରେ ଏଣିକି ଉଭୟ ପ୍ରଥମ ବର୍ଷ ଶେଷ ହେବା ପରେ ବାର୍ଷିକ ପରୀକ୍ଷା କରାଯିବ। ଏହାବ୍ୟତୀତ ପ୍ରଥମବର୍ଷ ପିଲାଙ୍କ ଉପସ୍ଥାନକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସର୍ବନିମ୍ନ ୭୫ପ୍ରତିଶତ ନରହିଲେ ପ୍ରଥମ ବର୍ଷ ପରୀକ୍ଷାରୁ ପିଲାମାନେ ବଞ୍ଚିତ ହେବେ। ଯେଉଁ ଛାତ୍ରଛାତ୍ରୀ ପ୍ରଥମ ବର୍ଷ ପରୀକ୍ଷା ଦେବେ ନାହିଁ ସେମାନଙ୍କୁ ୨ୟବର୍ଷ ଲାଗି ରି-ଆଡମିସନ ହେବନି। ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ପୂର୍ବରୁ +୨ ପରୀକ୍ଷା ପରିଚାଳନା ଏବଂ ରେଜଲ୍ଟ ପ୍ରକାଶରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଣିକି ପ୍ରଥମବର୍ଷରୁ ହିଁ ପିଲାଙ୍କ ପାଠପଢ଼ା, କ୍ଲାସରେ ଶିକ୍ଷାଦାନ ବ୍ୟବସ୍ଥା, ପିଲାଙ୍କ ଉପସ୍ଥାନ, ପ୍ରଥମ ବର୍ଷ ପରୀକ୍ଷା ଆଦିକୁ ଗୁରୁତ୍ୱ ଦିଆଯିବ। ତେବେ ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ଯୁକ୍ତ୨ ପ୍ରଥମବର୍ଷ ରିପୋର୍ଟ ଅନୁଯାୟୀ କେବଳ ବିଜ୍ଞାନ ଷ୍ଟ୍ରିମ୍ରେ ନାମଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ବାଦଦେଲେ କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକଶିକ୍ଷା ଷ୍ଟ୍ରିମ୍ର ପିଲାମାନେ ପ୍ରଥମବର୍ଷକୁ ଗୁରୁତ୍ୱ ଦେଉନାହାନ୍ତି। ବିଶେଷକରି ପ୍ରଥମବର୍ଷ ପରେ ସବୁ ପିଲାଙ୍କୁ ସିଧାସଳଖ ୨+ବର୍ଷକୁ ପ୍ରମୋସନ ହେଉଥିବାରୁ ପିଲାଙ୍କ ମଧ୍ୟରେ ଭୟ ରହୁନାହିଁ। ଫଳରେ ୨ୟ ବର୍ଷରେ ଏହାର ପ୍ରଭାବ ପିଲାଙ୍କ ରେଜଲ୍ଟରେ ପଡୁଛି। ଏହାବ୍ୟତୀତ ପ୍ରଥମବର୍ଷ ପରୀକ୍ଷା ହେଉନଥିବାରୁ ବହୁ ଛାତ୍ରଛାତ୍ରୀ ଆଦୌ ପାଠପଢ଼ିନଥାନ୍ତି। ତେଣୁ ଏଣିକି ପ୍ରଥମବର୍ଷ ପରୀକ୍ଷା କରାଯିବା ସହ ପ୍ରଥମବର୍ଷ ପାଠ୍ୟକ୍ରମରୁ ପ୍ରାୟ ୩୫ପ୍ରତିଶତ ପ୍ରଶ୍ନ ୨ବର୍ଷ ପରୀକ୍ଷାରେ ରଖିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଫଳରେ ଏହାର ଭୟରେ ପିଲାମାନେ ଯୁକ୍ତ୨ ବର୍ଷ ପରି ପ୍ରଥମବର୍ଷ ପଢ଼ାକୁ ମଧ୍ୟ ଗୁରୁତ୍ୱ ଦେବେ।

# ବ୍ୟବସ୍ଥାରେ ଉନ୍ନତି ଆଣିବା ମୂଳ ଲକ୍ଷ୍ୟ

**ଭୁବନେଶ୍ୱର:** ଏଣିକି ଜିଲ୍ଲା ସ୍ତରର ସମସ୍ତ ଥାନା, ୨୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ରାଜ୍ୟର ତିନୋଟି ମେଡିକାଲ କଲେଜରେ 'ମୋ ସରକାର' ଫଳକ ଲାଗିବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ପୂର୍ତ୍ତ ବିଭାଗର ଉପ ସଚିବ ରାଜ୍ୟର ସମସ୍ତ ରାସ୍ତା ଓ ବିଲ୍ଡିଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଥାନାର ଆଇଆଇସି ଏବଂ ସିଡିଏମଓଙ୍କ ସହ ଆଲୋଚନା କରି ଯୋଜନା ସମ୍ପର୍କିତ ଫଳକ ସ୍ଥାପନ କରିବା ପାଇଁ ଚିଠିରେ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସେବା ପାଇଁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେବା ଯୋଗାଇଦେବା। ଏନେଇ ଜନସାଧାରଣ ସଚେତନ ହେବା ଆବଶ୍ୟକ। ଏହି ଲକ୍ଷ୍ୟରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ମତାମତକୁ ଫୋନ ଜରିଆରେ ସଂଗ୍ରହ କରାଯିବ। ଏହା ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନୁହେଁ। କେବଳ ସରକାରୀ କର୍ମଚାରୀଙ୍କ ବ୍ୟବହାର, ବୃତ୍ତିଗତ ମନୋଭାବ ସମ୍ପର୍କରେ ମତାମତ ଗ୍ରହଣ କରାଯାଇ ବ୍ୟବସ୍ଥାରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସରକାରୀ ଅନୁଷ୍ଠାନକୁ କାମ ପାଇଁ ଆସୁଥିବା ସବୁ ବ୍ୟକ୍ତିଙ୍କ ଟେଲିଫୋନ ନମ୍ବର ପଞ୍ଜୀକରଣ କରାଯାଇ ୨୪ ଘଣ୍ଟା ମଧ୍ୟରେ ଏବାବଦରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖକୁ ଏକ ଏସଏମଏସ ଯିବା ନେଇ ବ୍ୟବସ୍ଥା କରାଯାଇଛି। ଯଦି ଏହା ନଯାଏ, କିମ୍ବା ତାଙ୍କ ନମ୍ବର ପଞ୍ଜିକୃତ ହୋଇନଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ୧୪୫୪୫ ନମ୍ବରକୁ ମିସ୍ କଲ୍ କରି ନିଜର ଟେଲିଫୋନ ନମ୍ବରକୁ ପଞ୍ଜିକୃତ କରିପାରିବେ। ମୋ ସରକାର ପୋର୍ଟାଲରୁ ଜନସାଧାରଣଙ୍କ ଟେଲିଫୋନ ନମ୍ବର ସଂଗ୍ରହ କରାଯାଉଛି। ମୁଖ୍ୟମନ୍ତ୍ରଙ୍କ ସମେତ ଥାନା କ୍ଷେତ୍ରରେ ପୁଲିସ ମହାନିର୍ଦ୍ଦେଶକ ଏବଂ ଚିକିତ୍ସା ସୁବିଧା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକ ଫୋନ କରି ଜନସାଧାରଣଙ୍କ ମତାମତ ସଂଗ୍ରହ କରୁଛନ୍ତି। ସୂଚନାଅନୁଯାୟୀ, ମୋ ସରକାର କାର୍ଯ୍ୟକ୍ରମରେ ଯଦି ଅଧିକାରୀ ବା କର୍ମଚାରୀ ଭଲ କାମ କରିବେ, ଲୋକଙ୍କ ପ୍ରତିକ୍ରିୟା ସେମାନଙ୍କ ପ୍ରତି ଭଲ ରହିବ, ତେବେ ସମ୍ପୃକ୍ତ ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଭାବେ 'ଆଉଟ ଅଫ ଟର୍ଣ୍ଣ' ପଦୋନ୍ନତି ଦିଆଯିବ। ପ୍ରତି ମାସରେ ଜିଲ୍ଲାସ୍ତରରେ ୫-ଟିରେ ଭଲ କାମ ପାଇଁ ମୋ ସରକାର ପୁରସ୍କାର ଏବଂ ରାଜ୍ୟସ୍ତରରେ ମଧ୍ୟ ଆନ୍ତଃ ବିଭାଗୀୟ ପୁରସ୍କାର ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯିବ। ମୋ ସରକାର ଜରିଆରେ ରାଜ୍ୟ ସରକାର ବ୍ୟବସ୍ଥାରେ ଆମୁଳଚୁଳ ପରିବର୍ତ୍ତନ ଆଣିବାକୁ ସରକାର ଉଦ୍ୟମ କରୁଛନ୍ତି। ଥାନା ଓ ଡାକ୍ତରଖାନାକୁ ଲୋକମାନେ ନିଜ ଦୁଃଖ ଓ କଷ୍ଟ ଲାଘବ ପାଇଁ ଆସିଥାନ୍ତି। ତେଣୁ ମୋ ସରକାର କାର୍ଯ୍ୟକ୍ରମ ଏହି ଦୁଇ ବିଭାଗରୁ ହିଁ ପ୍ରଥମେ ଆରମ୍ଭ କରାଯାଇଛି।

# ରାଜ୍ୟରେ କାର୍ଯ୍ୟକାରୀ ହେବ କୃଷକ କଲ୍ୟାଣ ପାଣ୍ଠି !

**ଭୁବନେଶ୍ୱର:** ରାଜ୍ୟରେ କାର୍ଯ୍ୟକାରୀ ହୋଇପାରେ କୃଷକ କଲ୍ୟାଣ ପାଣ୍ଠି। ଏନେଇ ରାଜ୍ୟ ସମବାୟ ସୋସାଇଟିର ଯୁଗ୍ମ ରେଜିଷ୍ଟ୍ରାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ତେବେ ଗତ ମାର୍ଚ୍ଚ ୧୩ ତାରିଖରେ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ସମବାୟ ସୋସାଇଟିର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ଚିଠିରେ କୃଷକ କଲ୍ୟାଣ ପାଣ୍ଠିକୁ ରାଜ୍ୟରେ ଲାଗୁ କରିବା ପାଇଁ ବ୍ୟାଙ୍କ୍ ତରଫରୁ ହେବାକୁ ଥିବା କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୮-୧୯ରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ଏବେ ତତ୍ପରତା ପ୍ରକାଶ ପାଇଛି। ତେବେ ଗତ ବର୍ଷ ଅଗଷ୍ଟ ୪ ତାରିଖରେ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କୃଷକ କଲ୍ୟାଣ ପାଣ୍ଠି ଗଠନ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପାଣ୍ଠିରି ପାଇଁ ୨୫କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଏହି ଯୋଜନାରେ କ୍ଷୁଦ୍ର, ନାମମାତ୍ର ଓ ଗରିବ ଚାଷୀଙ୍କୁ ୨୦ହଜାର ଟଙ୍କା ସହାୟତା ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରମୁଖ ଶାସନ ସଚିବ କୃଷକଙ୍କ ପ୍ରାଇସ୍, ପେନ୍ସନ୍ ଓ ପ୍ରେଷ୍ଟିଜ୍କୁ ରାଜ୍ୟରେ ଏହି ପାଣ୍ଠିର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ତେବେ ପାଣ୍ଠି ପାଇଁ ହୋଇଥିବା ବ୍ୟୟବରାଦ ୨୦୧୮-୧୯ ବର୍ଷ ପାଇଁ ଥିଲା। ହେଲେ ଯଦି ଏହି ପାଣ୍ଠିରି ୨୦୧୯-୨୦ରେ କାର୍ଯ୍ୟକାରୀ ହୁଏ ତେବେ ଏହା ପାଇଁ କେତେ ପରିମାଣର ବ୍ୟୟ ବରାଦ ହେବ ସେ ନେଇ କୌଣସି ସୂଚନା ନାହିଁ। ରାଜ୍ୟରେ ଏହାକୁ ଲାଗୁ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। କୃଷକ କଲ୍ୟାଣ ପାଣ୍ଠି ସହ ସଂଶ୍ଳିଷ୍ଟ ବିଭାଗଗୁଡ଼ିକ ମଧ୍ୟରେ ସମସ୍ତ ସ୍ତରରେ ବୈଠକ ଶେଷ ହୋଇଛି। ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଲାଗୁ ହୋଇସାରିଛି। ତେଲେଙ୍ଗାନା, କେରଳ, ତାମିଲନାଡୁ ଓ ବିହାର ଭଳି ରାଜ୍ୟରେ ଏହାର ସଫଳ ରୂପାୟନ ଦେଖିବାକୁ ମିଳିଛି। ଅନ୍ୟ ରାଜ୍ୟଗୁଡ଼ିକରେ ଯେଉଁଭଳି ଭାବେ ଲାଗୁ କରାଯାଇଛି, ରାଜ୍ୟ ସେହିଭଳି ଭାବେ ଏହାକୁ ଲାଗୁ କରିବ କିମ୍ବା ଅନ୍ୟ କିଛି ନୂଆ ନକ୍ସା ପ୍ରସ୍ତୁତ କରିବ ସେ ନେଇ ମଧ୍ୟ କଳ୍ପନା ଜଳ୍ପନା ଲାଗି ରହିଛି।

# ୫.୪% କିଶୋର କିଶୋରୀ ଉଚ୍ଚ ରକ୍ତଚାପର ଶିକାର

**ଭୁବନେଶ୍ୱର:** ରାଜ୍ୟର କିଶୋରବର୍ଗ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟ୍ରଲ୍ ଜନିତ ସମସ୍ୟାରେ ପୀଡ଼ିତ। ଏହାର ପ୍ରଭାବରେ ଏମାନଙ୍କ ମଧ୍ୟରେ ହୃଦ୍ଘାତର ମାତ୍ରା ମଧ୍ୟ ବଢ଼ିବାରେ ଲାଗିଛି। ଜାତୀୟ ବ୍ୟାପକ ପୋଷଣ ସର୍ଭେ ରିପୋର୍ଟ(୨୦୧୬-୧୮)ରୁ ରାଜ୍ୟର କିଶୋରମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସାମ୍ନାକୁ ଆସିଛି। ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିବା ପ୍ରଥମ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ୯ମ ସ୍ଥାନରେ ରହିଛି। ରାଜ୍ୟର ୫.୪ ପ୍ରତିଶତ କିଶୋର କିଶୋରୀ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ତେବେ କୋଲେଷ୍ଟ୍ରଲ୍ ସମସ୍ୟାରେ ମଧ୍ୟ ୧୦ରୁ ୧୮ବର୍ଷ ବୟସର ପିଲାଙ୍କ ସଂଖ୍ୟା ସମୁଦାୟ ସଂଖ୍ୟାର ୩.୯ ପ୍ରତିଶତ। ଓଡ଼ିଶାର ଏହି ପ୍ରଦର୍ଶନ ଜାତୀୟ ହାରଠାରୁ ଅନେକ ପଛରେ। ତେବେ ହୃଦ୍ରୋଗ ଜନିତ ସମସ୍ୟା କେବଳ କିଶୋରଙ୍କ ମଧ୍ୟରେ ସୀମିତ ରହିଯାଇନାହିଁ। ରାଜ୍ୟରେ ହୃଦ୍ରୋଗଜନିତ ମୃତ୍ୟୁସଂଖ୍ୟା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ପ୍ରତି ୨୪ ଘଣ୍ଟାରେ ୨୩ ଜଣ ବ୍ୟକ୍ତି ହୃଦ୍ରୋଗ କାରଣରୁ ମୃତ୍ୟୁବରଣ କରୁଛନ୍ତି। ହାରାହାରି ୮୫୪୬ଜଣ ବ୍ୟକ୍ତିଙ୍କ ମୃତ୍ୟୁ କେବଳ ହୃଦ୍ଘାତରେ ହେଉଛି ଯାହା ଜାତୀୟ ହାରଠାରୁ ଢେର ଅଧିକ। ମୋଟାପଣ କ୍ଷେତ୍ରରେ ମଧ୍ୟ ରାଜ୍ୟ ଆଗରେ ରହିଛି। ୨୦୦୫-୦୬ରେ ରାଜ୍ୟର ୧୦ ଭାଗ ଲୋକ ମୋଟାପଣର ଶିକାର ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୨୦ ପ୍ରତିଶତରେ ପହଞ୍ଚିଛି। ମୋଟାପଣ ହୃଦ୍ଘାତ ପଛର ଏକ ବଡ଼ କାରଣ। ତେଣୁ ହୃଦ୍ଘାତଜନିତ ସମସ୍ୟା କ୍ରମଶଃ ଜଟିଳ ହେବାରେ ଲାଗିଛି। ତେବେ ଆମିଷ ଖାଇବାରେ ମଧ୍ୟ ରାଜ୍ୟବାସୀ ଯଥେଷ୍ଟ ଆଗରେ ରହିଛନ୍ତି। ରାଜ୍ୟରେ ୦ରୁ ୪ ବର୍ଷର ଶିଶୁଙ୍କ ଜନ୍ମ ଦେଇଥିବା ମହିଳାମାନେ ଅଧିକ ଆମିଷ ଖାଇବାକୁ ପସନ୍ଦ କରୁଛନ୍ତି। ଏହି ବର୍ଗର ମହିଳାମାନଙ୍କ ମଧ୍ୟରୁ ୪୩.୮ ପ୍ରତିଶତ ମହିଳା ଆମିଷ ପ୍ରିୟ ଅଟନ୍ତି। ଏହି କ୍ଷେତ୍ରରେ ଜାତୀୟ ହାର ୨୩.୮ ପ୍ରତିଶତ ରହିଛି। ସାଧାରଣ ଭାବେ ୦ରୁ ୪ ବର୍ଷର ମହିଳାମାନଙ୍କୁ ମାତ୍ରାଧିକ ଆମିଷ ଖାଇବାକୁ ମନା କରାଯାଉଥିବା ବେଳେ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେବେ କେବଳ ମହିଳା ନୁହେଁ, ରାଜ୍ୟର ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ଆମିଷ ଭୋଜନର ମାତ୍ରା ଦେଖିବାକୁ ମିଳିଛି। ୬୪.୬ ପ୍ରତିଶତ ଶିଶୁ ଅଣ୍ଡା, ୫୮ ପ୍ରତିଶତ ଶିଶୁ ମାଛ ଓ ୪୪.୫ ପ୍ରତିଶତ ଶିଶୁ ମାଂସ ଖାଇବାକୁ ପସନ୍ଦ କରନ୍ତି। ଏହାବ୍ୟତୀତ ଫଳ ଆହାର କ୍ଷେତ୍ରରେ ରାଜ୍ୟର ଶିଶୁମାନେ କୁଣ୍ଠା ପ୍ରକାଶ କରୁଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ରାଜ୍ୟର ମାତ୍ର ୨୮ ପ୍ରତିଶତ ଶିଶୁ ଫଳ ଖାଇବାକୁ ପସନ୍ଦ କରନ୍ତି। ଏହି କ୍ଷେତ୍ରରେ ରାଜ୍ୟ ଶେଷ ୪ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ସର୍ଭେ ରିପୋର୍ଟରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ରାଜ୍ୟରେ ୧ରୁ ୪ବର୍ଷର ପିଲାଙ୍କ ମଧ୍ୟରେ ଭିଟାମିନ ଏ ଅଭାବର ମାତ୍ରା ଚିନ୍ତାଜନକ ରହୁଛି। ଏହି ବର୍ଗର ପ୍ରତି ଶହେ ପିଲାଙ୍କ ମଧ୍ୟରେ ୨୦ ଜଣ ଶିଶୁ ଭିଟାମିନ 'ଏ' ଜନିତ ରୋଗରେ ପୀଡ଼ିତ। ସେହିଭଳି ୫ରୁ ୯ବର୍ଷ ବୟସର ୧୮.୩ ପ୍ରତିଶତ ଓ ୧୦ରୁ ୧୯ବର୍ଷ ବୟସର ୧୯.୧ ପ୍ରତିଶତ ପିଲା ଭିଟାମିନ ଏ ଅଭାବର ଶିକାର ହେଉଛନ୍ତି। ଏହାବ୍ୟତୀତ ଜିଙ୍କ୍ ଅଭାବ ଜନିତ ସମସ୍ୟା ମଧ୍ୟ କିଶୋର ବୟସର ପିଲାଙ୍କ ମଧ୍ୟରେ ଅଧିକ ଥିବାର ସୂଚନା ମିଳିଛି। ରାଜ୍ୟର ୪୨ ପ୍ରତିଶତ ଶିଶୁ ଜିଙ୍କ୍ ଅଭାବ ଜନିତ ସମସ୍ୟାରେ ପୀଡ଼ିତ। ତେବେ ମାତ୍ରାଧିକ ଆମିଷ ଖାଦ୍ୟ ଖାଇବା ଦ୍ୱାରା ଏହି ଭଳି ସମସ୍ୟା ଦେଖାଯାଇଥାଏ। ତେବେ ଆମିଷ ଖାଇବାରେ ପୂରା ଓଡ଼ିଶା ଆଗ ଧାଡ଼ିର ୧୦ ରାଜ୍ୟ ମଧ୍ୟରେ ରହିଛି। ରାଜ୍ୟର ସବୁ ବର୍ଗର ଲୋକେ ଆମିଷ ଖାଇବାକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ରିପୋର୍ଟରୁ ସ୍ପଷ୍ଟ ହୋଇଛି।

# 'ବିଧାୟିକା ସ୍ୱାମୀ ବୋଲି କ'ଣ ଆଇନର ଉର୍ଦ୍ଧ୍ୱରେ'

**ଭୁବନେଶ୍ୱର:** ଯାଜପୁର ଜିଲ୍ଲା ବରି ବ୍ଲକର ଓରୁଆଳ ଗାଁର ଜଣେ ଅନୁସୁଚିତ ଜାତିର ଗରିବ ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କୁ ବରି ବିଧାୟିକା ସୁନନ୍ଦା ଦାସଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଓ ସେହି ପଞ୍ଚାୟତର ସରପଞ୍ଚ ହତ୍ୟା ଧମକ ଦେଇ ମାଡ ମାରିବା ଘଟଣାକୁ ଆଜକୁ ୪ ଦିନ ପୁରିଲାଣି । ବିଚରା ହୋମଗାର୍ଡ ଜଣକ ଥାନାରେ ଏତେଲା ଦେଲାପରେ ବି ପୋଲିସ ଶାସକ ଦଳର ନେତାଙ୍କ ଚାପରେ ଚୁପ । ହୋମଗାର୍ଡ ରଞ୍ଜନ ନିଜ ଜୀବନପ୍ରତି ଭୟ ଥିବାରୁ ଏବେ ଘରୁ ବାହାରିବାକୁ ବି ଭୟ କରୁଛନ୍ତି। ରାଜ୍ୟ ସରକାର ଏପଟେ ୫-ଟି, ମୋ ସରକାର କଥା କହୁଥିବା ବେଳେ ସେପଟେ ସରକାରଙ୍କର ଗୃହ ବିଭାଗର ହୋମଗାର୍ଡବି ବର୍ତ୍ତୁନି ଶାସକ ଦଳର ନେତାମାନଙ୍କର ଗୁଣ୍ଡାଗର୍ଦ୍ଦିରୁ । ବିଧାୟିକାଙ୍କ ସ୍ୱାମୀ ବୋଲି ସେ କଣ ଆଇନର ଉର୍ଦ୍ଧରେ କି? ଶାସକ ଦଳର ଗୁଣ୍ଡାମାନଙ୍କୁ ପୋଲିସ ତୁରନ୍ତ ଗିରଫ କରୁ ଓ ରଂଜନ ମଲ୍ଲିକଙ୍କୁ ତୁରନ୍ତ ସୁରକ୍ଷା ଦେଉ ବୋଲି ବିଜେପି ଅନୁସୁଚିତ ଜାତିର ଏକ ପ୍ରତିନିଧି ଦଳ ହୋମ ଗାର୍ଡ ରଞ୍ଜନ ବେହେରା ଘରକୁ ଯାଇ ଦାବି କରିଛନ୍ତି । ପରେ ପ୍ରତିନିଧୀ ଦଳ ଥାନାକୁ ଯାଇ ଘଟଣା ସଂର୍ପକରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଗତ ନିର୍ବାଚନରେ ହୋମଗାର୍ଡ ରଞ୍ଜନ ମଲ୍ଲିକ ନିର୍ବାଚନ ଡ୍ୟୁଟିରେ ଥିଲେ । ସେତେବେଳେ ଶାସକ ଦଳର ବିଧାୟିକା ସୁନନ୍ଦା ଦାସଙ୍କ କିଛି ବେଆଇନ ହୋର୍ଡିଙ୍ଗକୁ ନିର୍ବାଚନ ଅଧିକାରିଙ୍କ ନିର୍ଦ୍ଦେଶରେ ରଞ୍ଜନ ଉଠାଇଦେଇଥିଲେ । ସେଥିରେ ପ୍ରତିଶୋଧ ପରାୟଣା ହୋଇ ବିଧାୟିକା ସୁନନ୍ଦା ଦାସଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ, ତାଙ୍କ ସହଯୋଗୀ ସରପଚଂ ଅଶୋକ ସାମଲ, ପୁର୍ବତନ ନୋମିନ ସନ୍ତୋଷ ସାମଲ ରଞ୍ଜନ ମଲ୍ଲିକଙ୍କୁ ୯ ତାରିଖରେ ମାଡ ମାରିଥିଲେ । ରଞ୍ଜନ ବରି ଥାନାରେ ଏତେଲା ଦେଲା ପରେ ପୋଲିସ ଆସାମୀଙ୍କ ଗିରଫ କରିବା ବଦଳରେ ଓଲଟା ରଞ୍ଜନଙ୍କୁ ଧମକ ଚମକ ଦେଉଛନ୍ତି । ପୋଲିସ ତୁରନ୍ତ ରଂଜନଙ୍କୁ ମାଡ ମାରିଥିବା ଗୁଣ୍ଡାମାନଙ୍କୁ ଗିରଫ କରୁବୋଲି ଏହି ପ୍ରତିନିଧି ଦଳ ଦାବି କରିଛି।

# ନୂଆବର୍ଷରୁ ସୁରତକୁ ବିମାନ


**ଭୁବନେଶ୍ୱର:** ଆସନ୍ତା ନୂଆ ବର୍ଷ ଅର୍ଥାତ ଜାନୁଆରୀ ୧ ଠାରୁ ଭୁବନେଶ୍ୱର ବିମାନବନ୍ଦରୁ ସୁରତକୁ ଉଡ଼ିବ ବିମାନ। ସପ୍ତାହକୁ ତିନିଦିନ ଏହି ବିମାନ ସେବା ଆରମ୍ଭ ହେବାକୁ ଯାଉଥିବା ବେଳେ ଏୟାର ଇଣ୍ଡିଆ ପକ୍ଷରୁ ଏହି ସେବା ଆରମ୍ଭ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ଉଡ଼ାଣ ଆରମ୍ଭ ହେବା ପରେ ଭୁବନେଶ୍ୱରରୁ ସୁରତକୁ ଯାତ୍ରୀମାନେ ସିଧାସଳଖ ବିମାନଯାତ୍ରା କରିବାର ସୁଯୋଗ ପାଇବେ। ଶ୍ରୀମତୀ ଷଡ଼ଙ୍ଗୀ ସୁରତକୁ ବିମାନ ଚଳାଚଳ ପାଇଁ ବିଭାଗୀୟ ମନ୍ତ୍ରଣାଳୟଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମନ୍ତ୍ରଣାଳୟ ଏହି ସେବା ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ସେ ଟ୍ୱିଟ୍ କରିଛନ୍ତି। ଅନ୍ୟପକ୍ଷରେ ଗତ ଅଗଷ୍ଟ ମାସ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଭୁବନେଶ୍ୱରରୁ ସୁରତ ବିମାନ ଚଳାଚଳ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। ତେବେ ଏହି ବିମାନ ସେବା ଆରମ୍ଭ ହେଲେ ଦୀର୍ଘଦିନର ଓଡ଼ିଶା ଲୋକଙ୍କ ଦାବି ପୂରଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। କାରଣ ସୁରତରେ ସବୁଠାରୁ ଅଧିକ ଓଡ଼ିଆ ବସବାସ କରିବା ସହିତ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ଯାତାୟାତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ଜୁଲାଇ ମାସ ୨୨ ତାରିଖରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପସିଂ ପୁରୀଙ୍କୁ ଭେଟି ଭୁବନେଶ୍ୱରରୁ ସୁରତକୁ ବିମାନ ସେବା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ।

# ନର୍ଦ୍ଦମା ପରିଚାଳନାରେ ଓଡ଼ିଶାକୁ ଜାତୀୟ ମାନ୍ୟତା

**ଭୁବନେଶ୍ୱର:** ଓଡ଼ିଶାକୁ ନର୍ଦ୍ଦମା ପରିଚାଳନା ଓ ଉପଚାର କ୍ଷେତ୍ରରେ ଜାତୀୟ ମାନ୍ୟତା ସହ ଆନ୍ତର୍ଜାତିକ ପ୍ରଶଂସା ମିଳିଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ କହିଥିଲେ ଯେ ସହରାଞ୍ଚଳରେ ନର୍ଦ୍ଦମା ପରିଚାଳନା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ଭାରତ ପରିମଳ ସଂଘ ଏବଂ ଫିକିଙ୍କ ଦ୍ୱାରା ଓଡ଼ିଶାକୁ ୨୦୧୮ ମସିହା ପାଇଁ ସର୍ବୋତ୍ତମ ରାଜ୍ୟ ଭାବେ ପୁରସ୍କୃତ କରାଯାଇଛି। ସେହିପରି ମସୌରୀସ୍ଥିତ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ଦ୍ୱାରା ଓଡ଼ିଶାକୁ ସହରାଞ୍ଚଳ ତରଳ ବର୍ଜ୍ୟ ପରିଚାଳନାରେ ଉତ୍ତମ ପ୍ରଶାସନ (ଗୁଡ୍ ଗଭର୍ଣ୍ଣାନ୍ସ) ପାଇଁ ମଧ୍ୟ ସମ୍ମାନିତ କରାଯାଇଛି। ରାଜ୍ୟରେ ସହର ନର୍ଦ୍ଦମା ପରିଚାଳନା ନିୟମର କାର୍ଯ୍ୟାନ୍ୱୟନ ପନ୍ଥା ୨୦୧୮ ମସିହାରେ ଜାତୀୟ ମାନବିନ୍ଦୁ ନିର୍ଦ୍ଧାରକ ହୋଇଛି। ଏହାର ଅନୁକରଣ କରିବା ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟରୁ ବିଭିନ୍ନ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ କାର୍ଯ୍ୟକ୍ଷମ ଏବଂ ନିର୍ମାଣାଧୀନ ନର୍ଦ୍ଦମା ପରିଚାଳନା କେନ୍ଦ୍ର (ଏସ୍ଟିପି) ଅନୁଧ୍ୟାନ କରି ନେଦରଲ୍ୟାଣ୍ଡ୍ ଏବଂ ବାଂଲାଦେଶର ବିଶେଷଜ୍ଞମାନେ ଓଡ଼ିଶା ଗ୍ରହଣ



କରିଥିବା ସ୍ୱଳ୍ପ ଖର୍ଚ୍ଚଭିତ୍ତିକ ଅଭିନବ ଜଳ ଶୋଷଣ କୌଶଳର ଉଚ୍ଚ ପ୍ରଶଂସା କରିଛନ୍ତି। ବୈଠକରେ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବା ନିମନ୍ତେ ସହରାଞ୍ଚଳ ନର୍ଦ୍ଦମା ପରିଚାଳନା କାର୍ଯ୍ୟର ଅଗ୍ରଗତି ସମୀକ୍ଷା ହୋଇଥିଲା। ଏ ସମ୍ବନ୍ଧିତ ନିୟମର ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ସହ ପ୍ରବର୍ତ୍ତନ କାର୍ଯ୍ୟକୁ କଡ଼ାକଡ଼ି କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସହରାଞ୍ଚଳ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସହରାଞ୍ଚଳରେ ଆରମ୍ଭ କରାଯାଇଥିବା ୬୦ଟି ନର୍ଦ୍ଦମା ଉପଚାର କେନ୍ଦ୍ର (ଏସ୍ଟିପି)ର ନିର୍ମାଣ କାର୍ଯ୍ୟ ତ୍ୱରିତ ବେଗରେ ସାରି ଲୋକମାନଙ୍କୁ ସେବା ଯୋଗାଇ ଦେବା ନିମନ୍ତେ ମଧ୍ୟ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଛୋଟ ଛୋଟ ସହରଗୁଡ଼ିକୁ ନିକଟସ୍ଥ ଏସ୍ଟିପି ସହ ଟ୍ୟାଗିଂ କରି ୧୦୦% ସହରାଞ୍ଚଳବାସୀଙ୍କୁ ଏହି ସେବା ଉପଲବ୍ଧ କରାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପୌରାଞ୍ଚଳ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ କହିଥିଲେ ଯେ ଗତ ୪ ବର୍ଷ ମଧ୍ୟରେ ରାଜ୍ୟ ସହରାଞ୍ଚଳ ନର୍ଦ୍ଦମା ପରିଚାଳନାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୭ଟି ଏସ୍ଟିପି କାର୍ଯ୍ୟକ୍ଷମ କରାଯାଇଛି। ଅଧିକ ୬୦ଟିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ କହିଥିଲେ ଯେ ଏକ ଏସ୍ଟିପିର ନିର୍ମାଣ ପାଇଁ ୪ରୁ ୫ ବର୍ଷ ସମୟ ଲାଗୁଥିବାରୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ନର୍ଦ୍ଦମା ପରିଚାଳନା ଏକ ଜରୁରୀ ଆବଶ୍ୟକତା ହୋଇଥିବାରୁ ଓଡ଼ିଶାରେ ଏକ ଅଭିନବ ଅନ୍ତରୀଣ ବ୍ୟବସ୍ଥା କରାଯାଇଛି। ଏହା ଏକ ସ୍ୱଳ୍ପ ଖର୍ଚ୍ଚ ଭିତ୍ତିକ ଏବଂ ନିରାପଦ କୌଶଳ ବୋଲି ପ୍ରମାଣିତ। ଏହାକୁ 'ଡିପ୍ ରୋ ଏନ୍ଟ୍ରେଞ୍ଚମେଣ୍ଟ' କୌଶଳ କୁହାଯାଏ। ଏଥିରେ ଲମ୍ୱା ଓ ଗଭୀର ନାଳ ପରି ଗାତ ଖୋଳି ସଂଗୃହିତ ନର୍ଦ୍ଦମାର ଉପଚାର କରାଯାଏ। ବର୍ତ୍ତମାନ ରାଜ୍ୟରେ ୮୪ଟି ଏପରି ବ୍ୟବସ୍ଥା ମାଧ୍ୟମରେ ୮୩% ସହରବାସୀଙ୍କୁ ନର୍ଦ୍ଦମା ପରିଚାଳନା ସେବା ଉପଲବ୍ଧ କରାଯାଇଛି। ସ୍ଥାୟୀ ଏସ୍ଟିପି ନିର୍ମାଣ ସରିଲେ ଏହି ପରିବାରଗୁଡ଼ିକୁ ନୂତନ ବ୍ୟବସ୍ଥା ଉପଲବ୍ଧ ହେବ। ସୂଚନାଅନୁଯାୟୀ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ସହରାଞ୍ଚଳକୁ ୨୦୦ଟି ସେସ୍ପୁଲ୍ ଗାଡ଼ି ଯୋଗାଇ ଦିଆଯାଇଛି। ଘରୋଇ ପାଇଖାନା ଟାଙ୍କି ଓ ପିଟ୍ରୁ ନର୍ଦ୍ଦମା ନିଷ୍କାସନ ନିମନ୍ତେ ଦେୟକୁ ମଧ୍ୟ ସୁଲଭ କରାଯାଇଛି। ପୂର୍ବରୁ ବିଭିନ୍ନ ବେସରକାରୀ ସଂସ୍ଥାମାନେ ଏଥିପାଇଁ ଚାହିଦା ଅନୁସାରେ ଦାମ୍କୁ ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦାବି କରୁଥିଲେ। ବର୍ତ୍ତମାନ ସହରାଞ୍ଚଳ ପ୍ରଶାସନ ମାଧ୍ୟମରେ ଦେୟ ପରିବାର ପିଛା ୧ ହଜାର ଟଙ୍କାରେ ସୀମିତ ରଖାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ଡ. ମୋନା ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ନଗର ଓ ଗୃହ ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ, ଜଳ ସମ୍ପଦ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପରିମଳ ବିଶେଷଜ୍ଞମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ଅକ୍ଟୋବର, ୨୦୧୯

# ଜମି ବିକା ଟଙ୍କାରେ ଘର ନହେଉ

ସମ୍ବାଦକାର୍ତ୍ତା
ତାରକ ମହାନ୍ତି



**ଗୋ**ଟିଏ ସଫଳ ସରକାର ହେବାକୁ ହେଲେ ଯୁକ୍ତିସଂଗତ ଓ ଆବଶ୍ୟକତା ଥିବା ଯୋଜନାକୁ କାର୍ଯ୍ୟକାରୀ କରି ଏହାର ସଫଳ ରୂପାୟନ ପ୍ରତି ଧ୍ୟାନ ଦେବା ହେଉଛି ପରମ କର୍ତ୍ତବ୍ୟ। ଯେତେବେଳେ ଅପରିଣାମଦର୍ଶୀ ଯୋଜନାକୁ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଜରିଆରେ କାର୍ଯ୍ୟକାରୀ କରାଯାଏ ଏଥିରେ ସଫଳତାର ହାର ଅପେକ୍ଷା ବିଫଳତା ଅଧିକ। ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ଚାଲି ଆସିଛି। ହେଲେ ଏତେବର୍ଷ ପରେ ଶାସନରେ ସ୍ୱଚ୍ଛତା ନଥିବା ଅନୁଭବ କରି ଖୋଦ୍ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଏକ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଯାହା ୫-ଟି ବୋଲି କୁହାଯାଉଛି। ଏଥିପାଇଁ ଗୋଟିଏ ବିଭାଗ ଗଠନ କରାଯିବା ସହିତ ଏହାର ଦାୟିତ୍ୱ ନିର୍ବାହ କରିବାକୁ ଜଣେ ଦକ୍ଷ ସଚିବଙ୍କୁ ନିଯୁକ୍ତି ମିଳିଛି। ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଦି ମୁଖ୍ୟମନ୍ତ୍ରୀ ଏହା କରିଛନ୍ତି ତାହା ଜନସାଧାରଣଙ୍କ ହିତରେ ନିଶ୍ଚୟ ଲାଗିବ ଏଥିରେ ସନ୍ଦେହ ନାହିଁ। ତେବେ ସନ୍ଦେହ ଏତିକି ଯେ, ୨୦ବର୍ଷରୁ ଊର୍ଦ୍ଧ୍ୱ ଶାସନ କରୁଥିବା ସରକାର କିଭଳି ଜାଣିପାରିଲେ ନାହିଁ ରାଜ୍ୟରେ ସରକାରୀ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି। ସନ୍ଦେହର କାରଣ ନବୀନ ବାବୁଙ୍କୁ ଜଣେ ସ୍ୱଚ୍ଛ, ନିର୍ମଳ ଶାସକ ଭାବେ ଏଯାବତ୍ ରାଜ୍ୟବାସୀ ଜାଣି ଆସିଛନ୍ତି। ସ୍ୱଚ୍ଛତା ଆଧାରରେ ସେ ଲଗାତାର ନିର୍ବାଚନ ଜିତି ଶାସନ କ୍ଷମତାରେ ରହିବା ସହ ରାଜ୍ୟର ପ୍ରଗତି ପାଇଁ ପ୍ରତିଦିନ କିଛି ନା କିଛି ନୂଆ ଯୋଜନା କରୁଛନ୍ତି। ଏଥିରେ ଗରିବ ଲୋକଙ୍କ ବିକାଶ ସହିତ ମହିଳା ସଶକ୍ତିକରଣ ଓ ସୁରକ୍ଷା ପ୍ରସଙ୍ଗ ମଧ୍ୟ ଜଡିତ ରହିଛି। ବର୍ତ୍ତମାନ ସରକାର ଯେଭଳି ଦୁର୍ନୀତିଗ୍ରସ୍ତ ସରକାରୀ ବାବୁଙ୍କୁ ଜବରଦସ୍ତ ପଦବୀରୁ ତଡୁଛନ୍ତି ସେଭଳି କାର୍ଯ୍ୟକ୍ରମ ଆଗରୁ ହୋଇ ନଥିଲା କାହିଁକି ? ଏ ବାବୁମାନେ କ'ଣ ନଗଦ ଦୁର୍ନୀତିକରି ତଡା ଖାଉଛନ୍ତି ନା' ଆଗରୁ ସ୍ଥଗିତ ଥିବା ଫାଇଲ୍ ଏବେ ଚଳଚଞ୍ଚଳ ହୋଇଉଠିଛି। ଏହାପଛର ରହସ୍ୟ କ'ଣ ? ଶାସନ କଳ ଯେବେ ଠିକ୍ ଭାବେ କାର୍ଯ୍ୟ କରୁଥାନ୍ତା ତେବେ ବର୍ତ୍ତମାନ ୫-ଟି ସୂତ୍ରର ଆବଶ୍ୟକତା ପଡିନଥାନ୍ତା। ତେବେ ସରକାର କ'ଣ ସ୍ପଷ୍ଟ ଭାବେ ଅନୁଭବ କଲେ ଯେ, ରାଜ୍ୟରେ ବାବୁମାନେ ଠିକ୍ ଢଙ୍ଗରେ କାର୍ଯ୍ୟ କରୁନାହାନ୍ତି ଓ ଏତେ ମାତ୍ରାରେ ଦୁର୍ନୀତିଗ୍ରସ୍ତ ହୋଇଛନ୍ତି ଯେ, ଯେଉଁଥିପାଇଁ ରାଜ୍ୟର ବିକାଶ ପଛେଇ ଯାଇଛି।

ସଚିବାଳୟକୁ ଲୋକସେବା ଭବନ କରିଦେଲେ ଲୋକେ ଏଥିରୁ କ'ଣ ଅଧିକ ଲାଭ ପାଇବେ ତାହା ବୁଝିହେଉ ନଥିଲେ ବି ଲୋକସେବା ଶବ୍ଦଟି କିନ୍ତୁ ଭଲ ଲାଗୁଛି। କାରଣ ସରକାର ନିଜକୁ ଲୋକଙ୍କ ସରକାର ବୋଲି ମନେ କରୁଛନ୍ତି। ତେବେ ଏହି ଲୋକଙ୍କ ସରକାରରେ ଲୋକଙ୍କ ସ୍ୱାର୍ଥ କିଭଳି ଅଧିକ ସୁରକ୍ଷିତ ହେଲା ବା ଲୋକେ ଏଥିରୁ କେତେ ଅଧିକ ଲାଭବାନ ହେବେ ତାହା ଯଦିଓ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ତଥାପି ସରକାରଙ୍କ ଲୋକଙ୍କ ପାଇଁ ଆନ୍ତରିକତାକୁ ଦେଖି ଖୁସି ଲାଗୁଛି। ଲଗାତାର ଭାବେ ଭୋଟ ଦେଇ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିବା ରାଜ୍ୟର ଜନସାଧାରଣ ଏଯାବତ୍ କିପରି ନବୀନ ବାବୁଙ୍କ ନିଜ ଲୋକ ହୋଇ ନଥିଲେ। ଏବେ ପଞ୍ଚମ ପାଳି ସରକାର ଗଠନ ହେବା ପରେ ଏଭଳି ଚିନ୍ତାଧାରା ସରକାରଙ୍କ ମୁଣ୍ଡକୁ କାହିଁକି ପଶିଲା ? ଯେଉଁ ସରକାରୀ କର୍ମଚାରୀଙ୍କ ରକ୍ତରେ ଦୁର୍ନୀତି ଘର କରି ରହିଛି ସେମାନେ କ'ଣ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ବା ଆଦେଶକୁ ଏତେ ସହଜରେ ଗ୍ରହଣ କରିଯିବେ। ନା' ନୂଆ ନୂଆ ତରିକାରେ ଲାଞ୍ଚ ଖାଇ ନିଜ ଟେବୁଲକୁ ପରିଷ୍କାର ରଖି ଭଲ ହାକିମରେ ପରିଗଣିତ ହେବେ ତାହା ଜଟିଳ ଗଣିତ। 'ଖଜୁରୀ ଗଛର ମୂଳରୁ ପାହାଚ ପାହାଚ' ଭଳି ପ୍ରତ୍ୟେକ ବିଭାଗରେ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରୀମାନେ ନିଜର ପତିଆରା ଜାହିର କରିବା ସହିତ କୋଟି କୋଟି ଟଙ୍କାର ମାଲିକ ହୋଇପାରିଛନ୍ତି। ଏଥିରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟ ରହିଛି। ଦୁର୍ନୀତି ନିବାରଣ ବିଭାଗ ଯେତିକି ମାମଲା କରୁଛି ବା କରିଛି ତା'ଠାରୁ ଯଥେଷ୍ଟ ଅଧିକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ରାଜ୍ୟ ରାଜକୋଷରୁ ଲୁଟି ଚାଲିଛନ୍ତି। କାଗଜପତ୍ରରେ କାର୍ଯ୍ୟ ଠିକ୍ ଦର୍ଶାଯାଉଥିଲେ ବି ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଏବେବି ଓଡ଼ିଶାର ଅନେକ ଅଞ୍ଚଳ ଗମନାଗମନ କ୍ଷେତ୍ରରେ ଅପହଞ୍ଚ ହୋଇ ରହିଛି। ଯେଉଁଠି ରୋଗୀସେବା ପାଇଁ ଆମ୍ବୁଲାନ୍ସଟିଏ ମଧ୍ୟ ପହଞ୍ଚି ପାରୁନାହିଁ। ଚାରିଚକିଆ ଦୂରର କଥା, ଏଭଳି କିଛି ଅଞ୍ଚଳ ଆମ ରାଜ୍ୟରେ ରହିଛି ଯେଉଁଠିକୁ ଦୁଇଚକିଆ ଯାନ ଖଣ୍ଡିଏ ଯିବା ମଧ୍ୟ ସମ୍ଭବପର ନୁହେଁ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଯୋଜନା ଗୁଡିକ ମଧ୍ୟ ଅନେକଙ୍କ ପାଖରେ ଦୁଷ୍ପ୍ରାପ୍ୟ ହୋଇ ରହିଛି। ଓଡ଼ିଶାର ବିକାଶ ପାଇଁ ଏବେ ରାଜ୍ୟ-କେନ୍ଦ୍ର ମିଳିତ ଭାବେ ପ୍ରୟାସ କରୁଥିବା ଜଣାପଡିଛି। ତେବେ ବିକାଶ କ୍ଷେତ୍ରରେ ଓଡ଼ିଶା ପଛୁଆ କାହିଁକି ? ନୂଆ ନୂଆ ଯୋଜନା ପ୍ରଣୟନ ହେବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯୋଜନା ସଫଳତା। ଶାସନ କ୍ଷମତାରେ ରହିବା ପରେ ମୁଖ୍ୟମନ୍ତ୍ରୀ ଯେତେ ଗୁଡିଏ ଯୋଜନା ଘୋଷଣା କରିଛନ୍ତି ତାହାର ସଫଳତା ହାର ଓ ବିଫଳତା ହାରକୁ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସଫଳତା ପାଇଁ ଯେଉଁ ଅଧିକାରୀମାନେ ପରିଶ୍ରମ କରିଛନ୍ତି ସେମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଫଳତା ପାଇଁ ଦାୟୀ ଅଧିକାରୀମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବାର ଆବଶ୍ୟକତା ରହିଛି। ରାଜ୍ୟ କେନ୍ଦ୍ରରୁ ପାଉଥିବା ସହାୟତା ଓ ରାଜ୍ୟରୁ ସଂଗୃହୀତ ଟିକସକୁ ନେଇ ସରକାର ଯୋଜନା ପ୍ରଣୟନ କରିବା ବିଧେୟ ହୋଇଥିଲେ ବି କେବଳ ଭୋଟ ହାତେଇବା ଲୋଭରେ ଲୋକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଘୋଷଣା ଓ ନୂତନ ସ୍ୱପ୍ନ ଦେଖାଇଲେ ବି ସତ କ'ଣ ତାହା ଦିନେ ନା ଦିନେ ପଦାକୁ ଆସିବ। ସୂଚନା ଅନୁସାରେ ରାଜଧାନୀରେ ଆବଶ୍ୟକ ସଂଖ୍ୟକ ସରକାରୀ କ୍ୱାର୍ଟର୍ସ ନଥିବାରୁ ନୂଆ କ୍ୱାର୍ଟର୍ସ ତିଆରି ହେବ। ରାଜମହଲରୁ ମାଷ୍ଟର କ୍ୟାଣ୍ଟିନ ମଧ୍ୟରେ ଥିବା ସରକାରୀ କ୍ୱାର୍ଟର୍ସ ଗୁଡିକ ମରାମତି କରାନଯାଇ ଏହାକୁ ଭଙ୍ଗାଯାଇ ଏଠାରେ ବହୁତଳ ପ୍ରାସାଦ ନିର୍ମାଣ କରାଯାଇ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏଥିରେ ବିଧାୟକମାନଙ୍କର କ୍ୱାର୍ଟର୍ସ ମଧ୍ୟ ସାମିଲ ରହିଛି ଓ ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ୨୦୦ କୋଟି ଟଙ୍କା ବ୍ୟୟରେ ଏହି ବହୁତଳ ବିଶିଷ୍ଟ କ୍ୱାର୍ଟର୍ସ ନିର୍ମାଣ କରାଯିବ। ୟୁନିଟ୍-୮ ଓ ପୁରୁଣା ଏଜି କଲୋନୀରେ ଥିବା ୨.୭୪ ଏକର ଜମିରେ ଏହି ନୂଆ ସରକାରୀ ଘର ତିଆରି କରାଯିବା ସ୍ୱାଗତଯୋଗ୍ୟ ହୋଇଥିଲେ ବି ଖର୍ଚ୍ଚ ଭରଣା କରାଯିବା ପାଇଁ ସରକାର ଜମି ବିକିବେ। ଜମି ବିକି ଘର କରିବା କେତେ ସମୀଚିନ ତାହା ସାଧାରଣ ଲୋକ ବିଚାର କରିବେ। ହେଲେ ଯେଉଁମାନଙ୍କ ପାଇଁ ଏହି ଘର ନିର୍ମାଣ କରାଯିବ ସେମାନଙ୍କର କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ନିଜସ୍ୱ ଜମିରେ ଘର ରହିଛି କି ନାହିଁ ତାହା ସରକାର ତଦନ୍ତ କରିବାର ଆବଶ୍ୟକତା ରହିଛି। କାରଣ ଯେଉଁମାନେ ଏ ସମସ୍ତ ସ୍ଥାନରେ ଦାମୀ ପ୍ରାସାଦ କରି ଉଚ୍ଚଦରରେ ଭଡା ଲଗାଇ ଟଙ୍କା ରୋଜଗାର କରୁଛନ୍ତି ଅଥଚ୍ ସ୍ୱଳ୍ପ ମୂଲ୍ୟରେ ସରକାରୀ ଘରକୁ ନିଜ ପାଇଁ ବ୍ୟବହାର କରୁଛନ୍ତି ତାହା ପାଇଁ ସରକାର ଋଣ କରିବେ କାହିଁକି ? ବରଂ ତାଙ୍କ ଘରେ ସିଏ ରୁହନ୍ତୁ, ସରକାର ତାଙ୍କୁ ଘର ଭଡା ବାବଦୀୟ କିଛି ସହାୟତା ଦେବା ଭଲ। ଏମିତି ହେଲେ ସରକାରୀ ଜମି ସୁରକ୍ଷିତ ରହିବା ସହିତ ନିର୍ମାଣ ହେବାକୁ ଥିବା ନୂଆ କୋଠାରେ ଅନ୍ୟାନ୍ୟ ରାଜସ୍ୱ ଆଦାୟ ଭଳି ପ୍ରତିଷ୍ଠାନ ଖୋଲା ଯାଇପାରିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମମତାଙ୍କ ହିଂସାବାଦୀ ରାଜନୀତି



ସୌମେନ୍ଦ୍ର ଜେନା

କେହି ଯଦି ଗତ ଲୋକସଭା ନିର୍ବାଚନରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଏ ତେବେ ତାର ଉତ୍ତର ହେବ ତୃଣମୂଳ କଂଗ୍ରେସ । ସବୁଠୁ ଅଧିକ ରାଜନୀତିକ ହିଂସାରେ ଯଦି କୌଣସି ପ୍ରଦେଶରେ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ହିସାବ କରାଯାଏ ତେବେ ତା ହେବ ପଶ୍ଚିମବଙ୍ଗ । ନିର୍ବାଚନ ସମୟରେ ଏବଂ ପରେ ଯଦି କୌଣସି ନେତା ସବୁଠୁ ଅଧିକ ପ୍ରତିକ୍ରିୟାଶୀଳ ମନ୍ତବ୍ୟ ଦେଇଥିବା ବିଚାରକୁ ନିଆଯିବ ତେବେ ସେ ହେବେ ଦିଦି ମମତା ବାନାର୍ଜୀ । ନିକଟରେ ଏକ ଦଳୀୟ ସଭାକୁ ଯିବାବେଳେ ସାନସାନ ପିଲାମାନଙ୍କ ଜୟ ଶ୍ରୀରାମ ସ୍ଲୋଗାନ ଭାଟିପଡାରେ ଦିଦିଙ୍କ ପାଇଁ ଏତେ ଗାତ୍ରଦାହ ସୃଷ୍ଟି କଲା ଯେ ପ୍ରତିକ୍ରିୟାରେ ଦିଦି ସେମାନଙ୍କ ପିଠିରୁ ଛାଲ ଉତାରି ଦେବାପାଇଁ ଧମକ ଦେଇ ବସିଲେ। ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ବର୍ତ୍ତମାନର ଗୃହମନ୍ତ୍ରୀ ଅମିତ ଚନ୍ଦ୍ର ସାହାଙ୍କୁ ଦିଦି ଜେଲରେ ଭର୍ତ୍ତି କରିଦେବା ଲାଗି ମଧ୍ୟ ସାଧାରଣ ସଭାରେ ଧମକ ଦେଇ ବସିଲେ। ଏକଥା କହିବା ସମୟରେ ସେ ସ୍ଥାନ, କାଳ, ପାତ୍ର ସବୁକିଛି ଭୁଲି ଯାଇଥିଲେ। ବୟସାଧିକ୍ୟ କାଳରେ ମଣିଷ ଋପଗ୍ରସ୍ତ ଜୀବନରେ ରହିଲେ ଏପରି ମତିଭ୍ରମ ହେବା ସ୍ୱାଭାବିକ। ଏକଦା ଜ୍ୟୋତିବସୁଙ୍କ ଲିଗାସୀକୁ ଆଗକୁ ନେଇଥିବା ମମତା ଏବେ କମ୍ୟୁନିଷ୍ଟ କ୍ୟାଡରମାନଙ୍କୁ ନେଇ ଅଧିକ କିଛି କରିପାରିବେ ନାହିଁ ବୋଲି ଧରିନେଲେଣି । ରାଜ୍ୟରେ ଜ୍ୟୋତିବସୁ ଯେଉଁ ସବୁ ଗୁଣ୍ଡା ଏବଂ ଠିକାଦାର ଶ୍ରେଣୀର ଲୋକଙ୍କୁ ନିଜପକ୍ଷରେ ରଖି ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ ଆସୁଥିଲେ ମମତା ସେହିସବୁ ଲୋକଙ୍କୁ ନିଜ ଦଳରେ ସାମିଲ କରି ସରକାରକୁ ଆସିଲେ। କିନ୍ତୁ ବିରୋଧୀ ଦଳରେ ରହି ସଡକରେ ଯେମିତି ସେ ସ୍ଲୋଗାନ ଦେଉଥିଲେ ଏବେ ସରକାରରେ ରହି ସମାନ ଭାଷାରେ ସ୍ଲୋଗାନ ଦେଉଛନ୍ତି । ଯେତେବେଳେ ବିରୋଧ କରିବାକୁ ହେଉଛି ସଡକରେ ପଦଯାତ୍ରା କରୁଛନ୍ତି । ନଚେତ ମନ୍ତ୍ରିମଣ୍ଡଳକୁ ନେଇ ଧାରଣାରେ ବସି ପଡୁଛନ୍ତି । ଏବେ ନିଜ ବିରୋଧୀମାନଙ୍କୁ ବିରୋଧ କରିବାକୁ ସେ ନିଜ ଦଳୀୟ ଲୋକଙ୍କୁ ହାଲୋ ବଦଳରେ ଜୟବାଙ୍ଗଲା ସ୍ଲୋଗାନ ଦେବାକୁ ଆହ୍ୱାନ ଦେଉଛନ୍ତି । କାରଣ ବିଜେପି ଲୋକଙ୍କ ଜୟଶ୍ରୀରାମ ସ୍ଲୋଗାନକୁ ବିରୋଧ କରିବାକୁ ସେ ଏପରି କରିବାକୁ ଋହୁଁଛନ୍ତି । ସେ ଆଞ୍ଚଳିକତାର ଆଉ ଏକ ସଂକୀର୍ଣ୍ଣ ସ୍ଲୋଗାନ ଦେଇ କହିଛନ୍ତି ଯେ ବାହାରର ଲୋକ ରାଜ୍ୟରେ ରୋଜଗାର ଓ ବସବାସ କରି ନିଜ ଇଚ୍ଛାରେ କାର୍ଯ୍ୟ କରିପାରିବେ ନାହିଁ । ଏହା କାଶ୍ମୀରୀ ମାନସିକତା ସହ ସମାନ । ରାଜଠାକରେ ମହାରାଷ୍ଟ୍ର ନବନିର୍ମାଣ ସେନା ମାଧ୍ୟମରେ ଏପ୍ରକାର ବିଦ୍ୱେଷକୁ ରାଜ୍ୟରେ ବ୍ୟାପକ କରି ସଡକରେ ଅଣମରାଠୀଙ୍କୁ ମାଡ ଦେବାଲାଗି କେଉଁ ଆହ୍ୱାନ ଦେଇଥିଲେ ତାହା ପରେ ତାଙ୍କ ପାଇଁ ବୁମେରାଂ ସଦୃଶ ହୋଇଥିଲା। ପଶ୍ଚିମବଙ୍ଗରେ ମମତାଙ୍କ ଅବସ୍ଥା ମଧ୍ୟ ସେମିତି ହେବାକୁ ଯାଉଛି । ଦେଶର ମହାଭାରତୀୟ ସଂସ୍କୃତିରେ କୌଣସି ବ୍ୟକ୍ତି, ଦଳ ବା ନେତା ଋହିଁଲେ ମଧ୍ୟ କୌଣସି ରାଜ୍ୟକୁ ବିଚ୍ଛିନ୍ନ କରିପାରିବେ ନାହିଁ କି ଲୋକମାନଙ୍କୁ ଦେଶର ମୁଖ୍ୟଧାରାଠାରୁ ଅଲଗା କରିପାରିବେ ନାହିଁ । ଏହା ସତ ଯେ ପଶ୍ଚିମବଙ୍ଗର ବଙ୍ଗଭାଷୀ ମୁସଲମାନଙ୍କ ସଂଖ୍ୟା ପ୍ରାୟ ଏକ ତୃତୀୟାଂଶ । ଯେଉଁଥିପାଇଁ ରୋହିଙ୍ଗିଆ ଏବଂ ଅନୁପ୍ରବେଶକାରୀଙ୍କୁ ମମତା ଖୋଲାଖୋଲି ସମର୍ଥନ ଦେଇ ବରକତି ପରି ମୁସଲିମ ନେତାକୁ ମସୁଦ ଅଜହର ଭାଷାରେ ବକ୍ତବ୍ୟ ଦେବାକୁ ସୁଯୋଗ ଦେଉଛନ୍ତି । ଯେଉଁଥିପାଇଁ ସେ ପଶ୍ଚିମବଙ୍ଗର ହିନ୍ଦୁ ଅନ୍ୟପ୍ରାନ୍ତର ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି । କୋଲକାତା ସମେତ ରାଜ୍ୟର ଅନେକ ଅଞ୍ଚଳରେ ପଡୋଶୀ ବିହାର ଲୋକଙ୍କ ପ୍ରଭାବ ବହୁତ ବୋଲି ରହିଛି । ଯେଉଁମାନେ ହିନ୍ଦୀଭାଷୀ ସେମାନେ ରାମନବମୀକୁ ସବୁଠି ଧୁମଧାମରେ ପାଳନ କରିବାକୁ ଋହାଁନ୍ତି ଯାହାକି ମମତା ମୁସଲିମ୍ ବିରୋଧୀ ପର୍ବ ବୋଲି କହୁଛନ୍ତି । ଶୋଭାଯାତ୍ରା ଉପରେ କଟକଣା ଜାରି କରୁଛନ୍ତି ଫଳରେ ସେମାନେ ଅଧିକ ଉଗ୍ର ଏବଂ ପ୍ରତିକ୍ରିୟାଶୀଳ ହୋଇଛନ୍ତି । ଏହାର ସୁଯୋଗରେ ମମତାଙ୍କ ମୁସଲିମ ଗୁଣ୍ଡା ବାହିନୀର ସମ୍ମୁଖୀନ ହେବା ଲାଗି ବିଜେପି ନେତା ମୁକୁଲ ରାୟ ଅର୍ଜୁନସିଂହଙ୍କ ପରି ବିହାରୀ ବାହୁବଳୀ ନେତାଙ୍କୁ ଦଳରେ ସାମିଲ କରିଛନ୍ତି । କେବଳ ସେତିକି ନୁହେଁ ଅର୍ଜୁନଙ୍କ ସମର୍ଥକ ଏବଂ ବାରାକପୁର ମୁନିସିପାଲିଟିର ଅନେକ କର୍ପୋରେଟର ଏବେ ବିଜେପିରେ ଯୋଗ ଦେଇଛନ୍ତି । ଗତ ନିର୍ବାଚନରେ ଅନେକ ହିଂସାକାଣ୍ଡ, ବୁଥଦଖଲ, ଧମକ ସତ୍ତ୍ୱେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ରାଜ୍ୟରେ ମୁତୟନ ହେବା ପରେ ମମତାଙ୍କ ଦଳ ପକ୍ଷରୁ ବୁଥଦଖଲ ଓ ଭୋଟରଙ୍କୁ ଭୟଭୀତ କରି ଭୋଟଦାନରୁ ବଞ୍ଚିତ କରିବାପରି କାର୍ଯ୍ୟ ହ୍ରାସ ପାଇଥିଲା । ଯାହାଫଳରେ ଭୋଟରମାନେ ଖୋଲାଖୋଲି କିଛି ପର୍ଯ୍ୟାୟରେ ମତଦାନ କରିବା ଯୋଗୁ ବିଜେପି ସେଠାରେ ସଫଳ ହେଲା । ଏବେ ରାଜ୍ୟରେ ବିରୋଧୀଙ୍କୁ ବିଦ୍ୱେଷ ଦୃଷ୍ଟିରେ ଦେଖି ମମତା ଯେପରି ବକ୍ତବ୍ୟ ଦେଇଋଲିଛନ୍ତି ତାହା ତାଙ୍କ ଅସୁସ୍ଥ ମାନସିକତା ଓ ଗଣତାନ୍ତ୍ରିକ ବିଋରର ବିରୋଧୀ, ଯାହା ରାଜ୍ୟ ଏବଂ ଦେଶ ପାଇଁ ଢେର କ୍ଷତିକାରକ।

ଏତେ ସବୁ ସତ୍ତ୍ୱେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସାକାଣ୍ଡ ବନ୍ଦ ହେବା ଜଣାପଡୁନାହିଁ । ଶାସକଦଳର ନେତୃବୃନ୍ଦ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବକ୍ତବ୍ୟ ତଳସ୍ତରରେ କର୍ମୀମାନଙ୍କୁ ହିଂସାପାଇଁ ପ୍ରୋତ୍ସାହିତ କଲାବେଳେ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଦେଉଥିବା ବକ୍ତବ୍ୟ କେନ୍ଦ୍ର-ରାଜ୍ୟ ମୁକାବିଲା ପରିସ୍ଥିତି ସୃଷ୍ଟି କରିଛି । ବିରୋଧ ପାଇଁ ବିରୋଧ କରିବାକୁ କେନ୍ଦ୍ର ସରକାର ନୀତି ଆୟୋଗଠାରୁ ଆରମ୍ଭ କରି ସୁରକ୍ଷାଯବାନଙ୍କୁ ମଧ୍ୟ ମମତା ସମାଲୋଚନା କରିସାରିଛନ୍ତି । ନିର୍ବାଚନ ଶେଷ ହେବା ପୂର୍ବରୁ ମମତା କେଉଁ ଦମ୍ଭ ପ୍ରକାଶ କରୁଥିଲେ ଏବଂ ତାହା ଆଉ ନାହିଁ । ପ୍ରତିଦିନ ତୃଣମୂଳ କଂଗ୍ରେସର ନେତା ଏବଂ ପାରିଷଦମାନେ ଦଳ ଛାଡିବାରେ ଲାଗିଛନ୍ତି । ଏପରିକି ସହଯୋଗୀ ଦଳମାନଙ୍କରୁ ମଧ୍ୟ ନେତାମାନେ ଦଳ ଛାଡିବାରେ ଲାଗିଛନ୍ତି । ବଙ୍ଗଳାରେ ମାଡତତ୍ତ୍ୱ -ପ୍ରଧାନ ରାଜନୀତି ଆଜକୁ ପ୍ରାୟ ପଋଶବର୍ଷ ପୂର୍ବେ ସିଦ୍ଧାର୍ଥ ଶଙ୍କର ରାୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଥିବା ସମୟରେ ଆରମ୍ଭ କରିଥିଲେ । ସେତେବେଳେ ରାଜ୍ୟରେ କଂଗ୍ରେସର ସରକାରଥାଏ ଆଉ ବିରୋଧୀ ପକ୍ଷରେ ଥାଆନ୍ତି କମ୍ୟୁନିଷ୍ଟମାନେ । କମ୍ୟୁନିଷ୍ଟମାନଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟ ନେଇ ସିଦ୍ଧାର୍ଥ ଶଙ୍କର ରାୟ ରାଜ୍ୟର ପୁଲିସ ବାହିନୀକୁ ଉପଯୋଗ କରି ବିରୋଧୀ ପକ୍ଷର ଲୋକଙ୍କୁ ଆଖିବୁଜା ମାଡ ଦେଲେ । ସେହି ମାଡତତ୍ତ୍ୱକୁ ବିରୋଧ କରି ଲୋକେ ପରେ କମ୍ୟୁନିଷ୍ଟ ସରକାରକୁ ଶାସନକୁ ଆଣିଲେ ଯାହା ପ୍ରାୟ ତିନିଦଶନ୍ଧିରୁ ଅଧିକ କାଳ ପାଇଁ ଶାସନକରି ଏକ ରେକର୍ଡ ପ୍ରତିଷ୍ଠା କଲା । ହେଲେ ସିଦ୍ଧାର୍ଥଙ୍କ ପରେ ସରକାରକୁ ଆସିଥିବା ସିପିଏମ ଦଳ ସିଦ୍ଧାର୍ଥଙ୍କ ମାଡତତ୍ତ୍ୱକୁ କାଏମ ରଖି ବିରୋଧୀମାନଙ୍କୁ ଭୟଭୀତ କରି ରଖିବାକୁ ଉପଯୋଗ କଲା । ନନ୍ଦିଗ୍ରାମ ଓ ସିଙ୍ଗୁର ଆନ୍ଦୋଳନବେଳେ ସିପିଏମ୍ ସରକାର ଏପରି ଅତ୍ୟାଋର ଚଳାଇଲା ଯେ ଅନେକ ଦଳୀୟ କର୍ମୀ ଏବଂ ନେତାମାନେ ଦଳରୁ ବାହାରିଯାଇ କିମ୍ବା ଦଳ ଭିତରେ ଥାଇ ମମତାଙ୍କ ତୃଣମୂଳକୁ ସବୁ ପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବାରୁ ମମତାଙ୍କ ତୃଣମୂଳ କଂଗ୍ରେସର ସରକାର ପଶ୍ଚିମବଙ୍ଗରେ ଶାସନକୁ ଆସିଲା । ଶାସନକୁ ଆସିବାପରେ ତୃଣମୂଳ ଲୋକେ ସିପିଏମ ଉପରେ ସମାନ ଢଙ୍ଗରେ ମାଡତତ୍ତ୍ୱକୁ ପ୍ରୟୋଗ କଲେ । ଏହି ସୁଯୋଗରେ ରାଜ୍ୟରେ ମୁଣ୍ଡ ଟେକୁଥିବା ବିଜେପି ଦଳର ସରକାର କେନ୍ଦ୍ରରେ ଆସିବାପରେ ତଳସ୍ତରରେ ରାଜ୍ୟରେ ଅନେକ ବିରୋଧୀ ପକ୍ଷ ନେତା ଓ ମାଡ ଖାଉଥିବା କର୍ମୀ ନିଜ ସୁରକ୍ଷା ପାଇଁ ବିଜେପିକୁ ସମର୍ଥନ ଦେଲେ କିମ୍ବା ସେଥିରେ ମିଶିଗଲେ । ଫଳରେ ପଞ୍ଚାୟତ ନିର୍ବାଚନକୁ ସବୁଦଳ ନିଜ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରି ଲଢେଇ ଜାରି ରଖିଲେ । ଗ୍ରାମାଞ୍ଚଳରେ କମ୍ୟୁନିଷ୍ଟ ଓ କଂଗ୍ରେସର ଅନେକ କର୍ମୀ ତୃଣମୂଳର କର୍ମୀମାନଙ୍କୁ ବିରୋଧ କରିବାଲାଗି ବିଜେପିରେ ସାମିଲ ହୋଇ ସେମାନଙ୍କୁ ସାମନା କଲେ । ମୋଦିଙ୍କ ପୂର୍ବଭାରତ ଦୃଷ୍ଟିକୁ ନେଇ ଓଡିଶା ସମେତ ବଙ୍ଗଳା ଟାର୍ଗେଟରେ ରହିବାରୁ ଦୁଇଦଳର କର୍ମୀମାନେ କର ବା ମର ନୀତିକୁ ଧରିଲେ । ଫଳରେ ଗତ ପଞ୍ଚାୟତ ନିର୍ବାଚନ କାଳରେ ବ୍ୟାପକ ହିଂସାକାଣ୍ଡ ରାଜ୍ୟରେ ଘଟି ବହୁଲୋକ ହତାହତ ହୋଇଥିଲେ । ଚଳିତବର୍ଷ ପୁଣି ଲୋକସଭା ନିର୍ବାଚନର ପ୍ରଋରକାଳରେ ଏବଂ ଏବେ ମଧ୍ୟ ସେହିସ୍ଥିତି ଜାରିରହିଛି । ବଙ୍ଗଳାର ଜ୍ୱାଇଁ ନିମନ୍ତ୍ରଣ ପାଇଁ ଉତ୍ସବ ଋଲିଥିଲାବେଳେ ଉତ୍ତର ଚବିଶ ପ୍ରଗଣା ଜିଲ୍ଲାରେ ବିଜେପି ନେତା ପ୍ରଦୀପ ମଣ୍ଡଳଙ୍କ ଘର ଉପରେ ୪୦୦ ସଶସ୍ତ୍ର ଲୋକଙ୍କ ଆକ୍ରମଣ ପରେ ଅନେକ ହତାହତ ହୋଇଥିଲେ । ନିର୍ବାଚନପର ହିଂସାରେ ବିଜେପିର ଅନେକ ନେତାଓ କର୍ମୀଙ୍କୁ ହତ୍ୟା କରାଗଲାଣି ବୋଲି ବରିଷ୍ଠ ନେତା ମୁକୁଲରାୟ ପ୍ରକାଶ କରିଛନ୍ତି । ଏହି ଆକ୍ରମଣରେ ବଙ୍ଗଳାଦେଶୀ ତସ୍କର ଓ ମାଫିଆମାନଙ୍କୁ ତୃଣମୂଳ ସାମିଲ କରିଥିବା ଅଭିଯୋଗ ଆସିବାପରେ ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ ସକ୍ରୀୟ ହୋଇଉଠିଛି । ରାଜ୍ୟପାଳ ରାଜ୍ୟର ପରିସ୍ଥିତି ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ସୂଚିତ କରିଛନ୍ତି । ରାଜ୍ୟପାଇଁ କେନ୍ଦ୍ର ସରକାର ହିଂସାକାଣ୍ଡ ବନ୍ଦ କରିବାକୁ ଯେଉଁ ଉପଦେଶ ଦେଇ ରିପୋର୍ଟ ତଲବ କରିଥିଲେ ତାକୁ ରାଜ୍ୟ ସରକାର ସିଧାସଳଖ ଖାରଜ କରି ଦେଇଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପସ୍ଥିତିରେ ବଙ୍ଗଳାର ପରିସ୍ଥିତିକୁ ନେଇ ଆଲୋଚନା ହୋଇଛି । ତେଣେ କେନ୍ଦ୍ର ସରକାରଙ୍କ ଉପରେ ଋପ ପଡିଲାଣି ରାଜ୍ୟରେ ରାଷ୍ଟ୍ରପତି ଶାସନ ପାଇଁ । ପଶ୍ଚିମବଙ୍ଗରେ ୨୦୨୧ରେ ନିର୍ବାଚନ ହେବାକୁ ଥିବା ହେତୁ ଏତେ ଲମ୍ବା ସମୟ ପାଇଁ ରାଷ୍ଟ୍ରପତି ଶାସନ ଚଳାଇ ରଖିବା ଆଦୌ ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । କିନ୍ତୁ ଯଦି ରାଜ୍ୟର ପରିସ୍ଥିତିରେ କିଛି ପରିବର୍ତ୍ତନ ନହୁଏ ତେବେ କେନ୍ଦ୍ର ସରକାରଙ୍କ ହାତରେ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ । ବଙ୍ଗଳାର ପ୍ରତିପକ୍ଷ ବା ବିରୋଧୀଙ୍କୁ ମାଡ ଦେଇ ପାଟି ଚୁପ୍ କରାଇବା ବିରୋଧୀ, କର୍ମୀଙ୍କ ମଧ୍ୟରେ ଏହାଦ୍ୱାରା ଭୟ ସୃଷ୍ଟି କରିବାର ପୁରୁଣା କୌଶଳଟି ସେଠାରେ ଋଲୁରହିଲେ ପରିସ୍ଥିତି ଜଟିଳ ହେବ ଏଥିରେ ଆଦୌ ସନ୍ଦେହ ନାହିଁ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ହେପାଟାଇଟିସ୍ ନିୟନ୍ତ୍ରଣରେ ଆଗୁଆ ପଡ଼ୋଶୀ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ଘୋଷଣାନାମା ଅନୁଯାୟୀ ଭାରତର ମୁଖ୍ୟ ପଡ଼ୋଶୀ ଓ ଛୋଟ ଦେଶ ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ଥାଇଲାଣ୍ଡରେ ସଫଳତାର ସହ ହେପାଟାଇଟିସ ବି କୁ ନିୟନ୍ତ୍ରଣ କରାଯାଇପାରିଛି। ପୃଥିବୀର ଅଭିବୃଦ୍ଧିସମ୍ପନ୍ନ ଓ ବିକାଶଶୀଳ ଦେଶ ମାନଙ୍କରେ ଆଜିର ସମୟରେ ଏକ ବଡ଼ ସ୍ୱାସ୍ଥ୍ୟଗତ ଆହ୍ୱାନ। ଚାରଟି ଏସିଆ ଦେଶ ଏହାକୁ ଲଗାମ ଲଗାଇବାରେ ସଫଳତା ପାଇଥିବାରୁ ଖୁସି ହେବା ଦରକାର। କାରଣ ଅନେକ ହୁଏତ ଜାଣିନଥିବେ ଭାରତ ତାର ଏହି ଚାରଟି ପ୍ରମୁଖ ମିତ୍ର ଓ ପଡ଼ୋଶୀ ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କୁ ପ୍ରଶିକ୍ଷଣ ସହ ଅନେକ ଅନୁଦାନ ସହାୟତା ପ୍ରଦାନ କରୁଛି। ଏକ ଜାଣିବା କଥା ହେଉଛି, ହେପାଟାଇଟିସ ବି ପାଞ୍ଚ ବର୍ଷରୁ କମ ବୟସର ଶିଶୁଙ୍କ ଭିତରେ ଏକ ପ୍ରତିଶତରୁ କମ୍ ଥିବା ପ୍ରାମାଣିକ ତଥ୍ୟ ଦେଖାଗଲେ ସେହି ସମୟରେ ଏହି ଚିନ୍ତାଜନକ ହେପାଟାଇଟିସ ନିୟନ୍ତ୍ରଣରେ ରହିଛି ବୋଲି ଗ୍ରହଣ କରାଯାଏ। ଆଜିର ସମୟରେ ଭାରତରେ ଚାରି କୋଟି ଲୋକ ହେପାଟାଇଟିସ ବି ରାକ୍ଷସର କବଳରେ ସେହିପରି ଏହି ଭୟାନକ ଶତ୍ରୁ ହେପାଟାଇଟିସ ସି ମଧ୍ୟ ଭାରତର ଏକ କୋଟି ଲୋକଙ୍କୁ ଆକ୍ରାନ୍ତ କରିଛି। ସୂଚନାଥାଉକି ପ୍ରତିବର୍ଷ ଏକ ନିୟୁତ ଲୋକ ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଥିବାବେଳେ ହେପାଟାଇଟିସ ବି ଯୋଗୁଁ ଲିଭର ସିରୋସିସ ପରି ଅତ୍ୟନ୍ତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇ ଏକ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। ହେପାଟାଇଟିସ ବି କୁ ନିୟନ୍ତ୍ରଣ କରିବା ପାଇଁ ଟୀକାଦାନ ହିଁ ଏକମାତ୍ର ଓ ପ୍ରମୁଖ ପନ୍ଥା। ଶିଶୁ ଜନ୍ମର ଚବିଶ ଘଣ୍ଟା ଭିତରେ ଏହି ଟୀକା ଦିଆଗଲେ ମାଆ ଠାରୁ ଶିଶୁକୁ ଏହା ଯିବାର ଆଶଙ୍କା ଆଉ ରହିନଥାଏ। ମାଆ ଠାରୁ ଅନେକ କ୍ଷେତ୍ରରେ ଶିଶୁ ଦେହକୁ ଏହି ରୋଗ ଯାଇଥାଏ। ପିଲାଟି ଜନ୍ମ ହେବାବେଳେ ଏଥିରେ ସଂକ୍ରମିତ ହୋଇଥିଲେ ଦେହରେ ଏହା ସବୁବେଳେ ରହିଥାଏ। ୨୦୧୬ରେ ଜନ୍ମବେଳେ ଟୀକାଦାନ ୬୦ ପ୍ରତିଶତ ରହିଥିଲା। କେବଳ ହସ୍ପିଟାଲରେ ଜନ୍ମ ହେଉଥିବା ପିଲାଙ୍କ ଭିତରୁ କେବଳ ୭୬ ପ୍ରତିଶତ ଏହି ଟୀକା ଦିଆଯାଇଥିଲା। କାରଣ ଏହି ଟୀକା ରହୁଥିବା ଡୋଜରେ ୧୦ଟି ଡୋଜ ରହୁଥିବାରୁ ମାତ୍ର ଗୋଟିଏ ଡୋଜ ବ୍ୟବହାର ହେଲେ ଟୀକା ନଷ୍ଟ ହୋଇଯିବାର ଭୟ ଥାଏ। କାରଣ ଏହାକୁ ଦେଉଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଠିକ୍ ସଚେତନତା ନାହିଁ। ସେହିପରି ଅବଶିଷ୍ଟ ଡୋଜ ଗୁଡ଼ିକ ନିରାପଦରେ ଓ ସ୍ୱାସ୍ଥ୍ୟ ଭିତ୍ତିକ କେଉଁ ସ୍ଥାନରେ କିଭଳି ରଖାଯାଇପାରିବ ତାହା ବି ଅନେକ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଲୁମ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିଗକୁ ଜାଣିବାପରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେବା ପାଇଁ ପରାମର୍ଶ ଦେଇଛି। ହେପାଟାଇଟିସ ବି ଏକ ସାର୍ବଜନୀନ ଟୀକାକରଣ ଏହାପ୍ରାୟତଃ ଲୋକମାନେ ଜାଣି ନଥାନ୍ତି। ସମସ୍ତଙ୍କୁ ଟୀକା ଦେବା ସହ ଯେଉଁଠାରେ ଏହି ରୋଗର ଆଶଙ୍କା ସମ୍ଭାବନା ରହୁଛି ସେଠାରେ ଜରୁରୀ କାଳୀନ ଭିତରେ ଯାଞ୍ଚ କରାଯିବା ଦରକାର।

୨୦୦୨ରେ ଭାରତ ସରକାର ତାଙ୍କ ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଭିତରେ ହେପାଟାଇଟିସ ବି ଟୀକାକୁ ସଂଯୋଗ କରିଥିଲେ। ୨୦୧୧ ମସିହା ବେଳକୁ ଏ ଟୀକା ନେଇ ବ୍ୟାପକ ସଚେତନତା ସୃଷ୍ଟି ହେଲା ଓ ପରେ ୨୦୧୪-୧୫ ବେଳକୁ ଏହି ରୋଗ ପାଇଁ ପେଣ୍ଟାଭାଲେଣ୍ଟ ଟୀକା ପ୍ରଚଳନ କରାଗଲା। କିନ୍ତୁ ଡିପିଟି ଓ ପୋଲିଓ ଟୀକା ସହ ହେପାଟାଇଟିସ ବି ଟୀକାର ପ୍ରଚଳନ ଦିନରୁ ଟୀକା ଦାନ ଆହୁରି ବ୍ୟାପକ ହେବା ଆବଶ୍ୟକ। ହେପାଟାଇଟିସ ଏକ ବଡ଼ ବିପଦ ବିଶେଷ ଭାବେ ଶିଶୁମାନଙ୍କ ଠାରେ କାରଣ ପିଲାମାନଙ୍କ ଠାରେ ଏହି ସଂକ୍ରମଣ ବହୁତ ଦିନ ପର୍ଯ୍ୟନ୍ତ ରହି କୌଣସି ବାହ୍ୟ ଲକ୍ଷଣ ନ ଦେଖାଇ ଦେହ ଭିତରେ ଥାଏ। ଅନେକ ଲୋକ ବୟସରେ ବଡ଼ ହେଲା ପର୍ଯ୍ୟନ୍ତକୁ ମଧ୍ୟ ସେମାନଙ୍କ ଭିତରେ ଏହି ଭୟାନକ ରୋଗଟି ଯେ ଅଛି ତାହା ଜଣା ନଥାଏ। ତେଣୁ ଏହାକୁ ନୀରବ ଘାତକ କୁହାଯାଏ। ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ଆଜିର ସମୟରେ ହେପାଟାଇଟିସ ଆକ୍ରାନ୍ତ ବ୍ୟକ୍ତି ଅନେକ ସମୟରେ ଭାଇଚାରାର ସହଯୋଗ ପାଇନଥାଏ ବରଂ ସାମାଜିକ ବାଛନ୍ଦ ହୋଇ ବିଭିନ୍ନ ପକ୍ଷପାତିତାର ଦୁଃଖଦ ପ୍ରସଙ୍ଗକୁ ସାମ୍ନା କରିଥାନ୍ତି। ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା ସହ ଭାରତ ସରକାର ହେପାଟାଇଟିସ ବି ର ମୁକାବିଲା ପାଇଁ ଚ୍ୟାଲେଞ୍ଜ ନେବା ଦରକାର। ଭାରତର ସହଯୋଗରେ ଜନ୍ମ ନେଇଥିବା ଓ ବଢ଼ିଥିବା ବାଙ୍ଗଲାଦେଶ ପରି ଛୋଟିଆ ଦେଶ ସ୍ୱାସ୍ଥ୍ୟ ପରି କ୍ଷେତ୍ରରେ ଭାରତକୁ ଟପିଗଲାଣି। ପାଞ୍ଚ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପରିଣତ ହେବା ପାଇଁ ଭାରତ ଆସ୍ଫାଳନ କରୁଥିବାବେଳେ ହେପାଟାଇଟିସ କ୍ଷେତ୍ରରେ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତେ ଜାଣିବା କଥା ସୁସ୍ଥ ମାନବ ସମ୍ବଳ ବ୍ୟତୀତ ଆର୍ଥିକ ବା ସ୍ୱାସ୍ଥ୍ୟଗତ ସମୃଦ୍ଧି ସମ୍ଭବନୁହେଁ। ଭାରତରେ ହେପାଟାଇଟିସ ବି ପରି ସ୍ୱାସ୍ଥ୍ୟଗତ ଦୁର୍ବଳତାକୁ ଦୂରେଇବା ପାଇଁ ଆନ୍ତରିକଯୁକ୍ତ ଓ ସମୟସୀମା ଭିତ୍ତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଜରୁରୀ।


*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



***ଜ୍ଞାନ ଯୋଗ ବ୍ୟବସ୍ଥିତ***

**ପୂର୍ବ ପ୍ରକାଶ ଉତ୍ତାରୁ...**

ପ୍ରଥମ ପକ୍ଷୀଟି ଜୀବ ତତ୍ତ୍ୱ ଅଟେ। ତେବେ ଜୀବ ପିତା, କଷା ଫଳ ଖାଇ ଦୁଃଖି ହୁ, କାହିଁକି ? ଆଚାର୍ଯ୍ୟ କୁହନ୍ତି ଜୀବକୁ ନିଜର ହିତ ପାଇଁ ଦୁଇଟି ମାର୍ଗରୁ ଗୋଟିଏ ମାର୍ଗ ବାଛିବାକୁ ପଡେ। ୧) ଶ୍ରେୟ ମାର୍ଗ, ୨) ପ୍ରେୟ ମାର୍ଗ। ଶ୍ରେୟ ଅର୍ଥାତ କଲ୍ୟାଣ ମାର୍ଗ। ପ୍ରେୟ ଅର୍ଥାତ୍ ଆନନ୍ଦ ଉପଭୋଗର ମାର୍ଗ। ଇନ୍ଦ୍ରିୟ ଇତ୍ୟାଦିର ରଚନା ବିଷୟର ଜ୍ଞାନ ପାଇଁ ହୋଇଅଛି। ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ସମସ୍ତ ତନ୍ମାତ୍ରା, କର୍ମେନ୍ଦ୍ରିୟ ଓ ଜ୍ଞାନନନ୍ଦ୍ରିୟର କାର୍ଯ୍ୟକଳାପ ବାହ୍ୟ ଜଗତ ସହିତ ଜଡିତ। ଏସବୁର ଜ୍ଞାନକୁ ନେଇ ଅନ୍ତକରଣ ସହିତ ମନକୁ ନିବେଶ କରି କେହି ଧୀର ମନୁଷ୍ୟ ହିଁ ଶ୍ରେୟ ମାର୍ଗର ଅନୁସରଣ କରିପାରେ ଓ ଜ୍ଞାନ ଯୋଗ ବ୍ୟବସ୍ଥିତ ହୋଇପାରେ ନଚେତ ପ୍ରେୟ ମାର୍ଗରେ ରହିବା ପାଇଁ ତ ସମସ୍ତେ ଭଲପାନ୍ତି।

ଜ୍ଞାନ ଯୋଗ ବ୍ୟବସ୍ଥିତର ଉତ୍କୃଷ୍ଟ ଉଦାହରଣ ନଚିକେତାଙ୍କ କଥା ଅଟେ। ନଚସିକେତା କଠୋପନିଷଦର ନାୟକ। ସେ ଯମଙ୍କୁ ପଚାରିଛନ୍ତି, ମୃତ୍ୟୁ ପରେ ଆତ୍ମାର କ'ଣ ହୋଇଥାଏ ? ଯମ ତାଙ୍କୁ ମୃତ୍ୟୁ ଆଉ ଆତ୍ମାର କଥା ଛାଡି ଅନ୍ୟକିଛି ଇଚ୍ଛାକର ତୁରନ୍ତ ମିଳିଯିବ ବୋଲି ବୁଝାଇଛନ୍ତି କିନ୍ତୁ ନଚିକେତା ଦୃଢ଼ ପରିକର ତଥା ଜ୍ଞାନଯୋଗ ବ୍ୟବସ୍ଥିତର ଅନୁଭୂତିରେ ଥିଲେ ତେଣୁ ସେ କହିଲେ ସବୁ ମିଳିଯିବା ପରେ ମରିବାକୁ ତ ନିଶ୍ଚୟ ହେବ ନା ? ଯମ କହିଥିଲେ ହଁ ଭାଇ। ମରିବାକୁ ତ ନିଶ୍ଚୟ ହେବ। ତେବେ ମୋତେ କେବଳ ଆତ୍ମଜ୍ଞାନ ହିଁ ଦରକାର ବୋଲି ନଚିକେତା କହିଥିଲେ। ତେଣୁ ଦେବତାଙ୍କ ଦୁର୍ଲଭ ତ୍ରିଭୁବନ ସାମ୍ରାଜ୍ୟ ପ୍ରତି ଅନାସକ୍ତ ବ୍ୟକ୍ତି ହିଁ ଜ୍ଞାନଯୋଗ ବ୍ୟବସ୍ଥିତର ଦିବ୍ୟ ଓ ଭବ୍ୟତାକୁ ପ୍ରାପ୍ତି କରିପାରନ୍ତି।

କଥାରେ ଅଛି ଥରେ ରାଜା ଜନକ ଏକ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନରେ ସେ ଯୁଦ୍ଧରେ ହାରି ଯାଇଛନ୍ତି। ବିଜୟୀ ରାଜା ଜନକଙ୍କୁ ବସ୍ତ୍ରହୀନ କରି ଧକ୍କା ମାରି ରାଜ୍ୟ ବାହାରକୁ ବାହାର କରିଦେଇଛନ୍ତି ଏବଂ ଘୋଷଣା କରିଛନ୍ତି ଯେ, ଜନକଙ୍କୁ ଆଶ୍ରୟ ଦେବ ତାକୁ ମୃତ୍ୟୁଦଣ୍ଡ ଦିଆଯିବ। ଯେଉଁ ପ୍ରଜା ଜନକଙ୍କର ମୁହଁ ଦେଖିବାକୁ ଲାଳାୟିତ ଥିଲେ ସେମାନେ ମୁହଁରେ କବାଟ କିଳିଲେ। ଏବେ କେବଳ ଉପରେ ଆକାଶ ତଳେ ଜମିର ସାହାରା ଲା। ଭୟଙ୍କର ଗରମ, ବୈଶାଖର ଦ୍ୱିପହର ଏବଂ ଖୋଲାପାଦ, ଖୋଲା ମସ୍ତକ, ଭୋକ ଉପାସରେ ଯାଉଥିବା ବେଳେ ଶୁଣିଲେ ଅନ୍ୟ ରାଜ୍ୟରେ ଅନ୍ନକ୍ଷେତ୍ର ଚାଲିଛି। ରାଜା ଜନକ ଖାଇବା ପାଇଁ ସେଠାରେ ଧାଡିରେ ଠିଆ ହୋଇଛନ୍ତି ମାତ୍ର ଦୁର୍ଭାଗ୍ୟବସତଃ ତାଙ୍କ ପାଳି ଆସିବା ବେଳକୁ ପାତ୍ରରୁ ଖାଦ୍ୟ ସମାପ୍ତ ହୋଇଯାଇଛି। ବହୁ କାକୁତି ମିନତି କରିବାରୁ ବାଣ୍ଟୁଥିବା ଲୋକ ହଣ୍ଡା ପୋଛି ତଳେ ଜଳି ଯାଇଥିବା ଖେଚୁଡି କିଛି ଜନକଙ୍କୁ ଦେଉଛନ୍ତି। ଗୋଟେ ହାତରେ ଖେଚୁଡି ପାତ୍ର ଅନ୍ୟ ହାତରେ ଲୋଟାରେ ପାଣି ଧରି ଦୁଇପାହୁଣ୍ଡ ଗଲା ବେଳକୁ ଆକାଶରୁ ଏକ ଚିଲ ପକ୍ଷୀ ଆସି ସେ ସବୁ ଝିଙ୍କି ଦେଇଯାଇଛି। ଫଳରେ ପାଣି ପାତ୍ର, ଖେଚୁଡି ସବୁ ତଳେ ପଡିଯାଇଛି ଓ ରାଜା ଖୁବ୍ ଜୋରରେ ଚିତ୍କାର କରିଛନ୍ତି। ରାଜାଙ୍କର ସେହି ଚିତ୍କାର ବାହାରକୁ ବାହାରି ଯାଇଥିଲା। ଘଟଣା ସ୍ୱପ୍ନରେ ଘଟିତ ହୋଇଥିଲା ସତ ହେଲେ ଚିତ୍କାର ଶୁଣି ମହାରାଣୀ ପଚାରିଛନ୍ତି କ'ଣ ହେଲା ? ସ୍ୱପ୍ନର ଭୟାନକ ସ୍ଥିତିରେ ରାଜା ଏଭଳି ଭୟଭୀତ ହୋଇ ପଡିଥିଲେ ଯେ, କୌଣସି ଉତ୍ତର ଦେବା ପରିସ୍ଥିତିରେ ଆସିପାରି ନଥିଲେ। ପରେ ମହାମନ୍ତ୍ରୀ, ରାଜ୍ୟବୈଦ୍ୟ ସମସ୍ତେ ଏକାଠି ହୋଇଛନ୍ତି। କିଛି ସମୟପରେ ରାଜା ନିଜକୁ ସ୍ଥିର କରି କହିଛନ୍ତି ଏହା ସତ୍ୟ ଅଛି ନା ତାହା ସତ୍ୟ ଥିଲା ? ଏହି କଥା ସମସ୍ତଙ୍କର ବୁଝିବାର ବାହାରେ ଥିଲା। ଅଷ୍ଟାବକ୍ର ଏହାର ଉତ୍ତର ଦେବା ପାଇଁ ଆସିଛନ୍ତି। ମୁନି ରାଜାଙ୍କୁ ବୁଝାଇଛନ୍ତି, କିଛି ସମୟ ପୂର୍ବରୁ ଆପଣ ଭୋକିଲା, ବିବସ୍ତ୍ର, ରାଜ୍ୟହୀନ ଥିଲେ। ବର୍ତ୍ତମାନ ସେ ପରିସ୍ଥିତି ଅଛି କି ? ବର୍ତ୍ତମାନରେ ଯେଉଁ ପରିସ୍ଥିତି ତାହା ଭବିଷ୍ୟତରେ ରହିବ ? ତେଣୁ ଦୁଇଟି ଅବସ୍ଥା ମିଥ୍ୟା ଅଟେ। ସ୍ୱପ୍ନ ଓ ଜାଗ୍ରତ ଦୁଇଟି ସ୍ଥିତିରେ ଅନୁଭବ କରୁଥିବା ମୁଁର ଚେତନା କେବଳ ସତ୍ୟ ଅଟେ। ତେଣୁ କହିବାକୁ ଗଲେ ମୁଁର ସାକ୍ଷୀ ଭାବକୁ ନେଇ ଜୀବନ ବିତାଇବା ହିଁ ପ୍ରକୃତ ଜ୍ଞାନ ଯୋଗ ବ୍ୟବସ୍ଥିତ ଅଟେ। ସର୍ବତ୍ର ଈଶ୍ୱରଙ୍କ ଉପସ୍ଥିତିକୁ ଅନୁଭବ କରି ନିରପେକ୍ଷ ଭାବେ ଜୀବନ ଅତିବାହିତ କରିବା ଓ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିରେ ନିଜକୁ ଶାନ୍ତ ରଖିବାକୁ ଜ୍ଞାନଯୋଗ ବ୍ୟବସ୍ଥିତ କହିବା।

*(କ୍ରମଶଃ)*

# ଉଫ୍... ! ୟେ ଲୈଲା !



ମୂଳ ରଚନା - ରେଣୁ ଶ୍ରୀବାସ୍ତବ
ଅନୁବାଦ - ମଧୁସ୍ମିତା ପଟ୍ଟନାୟକ

**"ତୌବା ତୌବା !" ଭଗବାନ ହିଁ ଏଇ ଲୈଲାଙ୍କଠୁ ବଞ୍ଚାନ୍ତୁ । ଥରେ ଯଦି କିଏ ଏମାନଙ୍କୁ ମନ ଦେଇ ଦିଏନା, ତେବେ ଜୀବନ ଯାକ ଖାଲି ସେମାନଙ୍କ ଚାରିପଟେ ନଟୁ ପରି ଘୂରି ବୁଲିବାକୁ ହିଁ ପଡ଼ିଥାଏ ।**

ଏମିତି କିଛି ଲୈଲା ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ହାସଲ କରିବା କଳାରେ ବେଶ୍ ପାରଙ୍ଗମ । ଆଲିଶାନ୍ କୋଠାର ଅପାର ସମ୍ପତ୍ତିକୁ କିମ୍ବା କୌଣସି ବୁଦ୍ଧିମାନ ସୁନ୍ଦର ଯୁବକକୁ ଦେଖି ଯଦି ସେମାନଙ୍କ ମନ ଲାଳାୟିତ ହୁଏ, ତା'ହେଲେ ସେମାନେ ସେହି ଗେଲ ବସରିଆଙ୍କ ପଛରେ ସେ ପର୍ଯ୍ୟନ୍ତ ଘୁରି ବୁଲନ୍ତି, ଯେ ପର୍ଯ୍ୟନ୍ତ ସେମାନେ ତାଙ୍କ ଜାଲରେ ଛନ୍ଦି ହୋଇ ବିବାହ ବନ୍ଧନରେ ବାନ୍ଧି ନ ହେଇଛନ୍ତି । ଦ୍ରୁତ ଗତିରେ ଦୌଡିଥିବା ମନୁର ସାଇକେଲ୍ ଶେଷରେ ଗୋଟେ ଲୈଲା ସହିତ ପିଟି ହୋଇଗଲା । ଲୈଲା ଏଇଥିପାଇଁ କୁହାଯାଇଛି କାହିଁକି ନା' ମନୁ ଚାହିଁଥିଲେ ସେଠୁ ଚୁପ୍‌ଚାପ୍ ପଳେଇ ଯାଇପାରିଥାନ୍ତା, ହେଲେ ସେ ଲୈଲାଟା ଜାଣିଶୁଣି ନିଜ ସାଇକେଲ୍‌କୁ ତା' ସାଇକେଲ୍ ସହ ବାଡେଇଥିଲା । 'ହୋସ୍‌ରେ ନାହଁ କି ?' ମନୁ କହିବାରୁ ଝିଅଟି କହିଲା, 'ହୋସ୍‌ରେ ଅଛି, ବୋଲି ତ ଟକ୍କର ମାରିଛି ?' ମନୁ ଯଦି ଚାଲାକ୍ ଥିଲା, ସେ ଝିଅଟି ଅତିଚାଲାକ୍ ଥିଲା । ମନୁ ଡାଳେ ଡାଳେ ଗଲା ବେଳକୁ ଝିଅଟି ପତରେ ପତରେ ଯାଉଥିଲା ।

ଦୁହେଁ ନିଜେ ନିଜେ ଉଠି ଠିଆ ହେଲେ । ମନୁ ନିଜର ତଳେ ପଡିଥିବା ବହିପତ୍ରକୁ ଉଠେଇଲା ବେଳକୁ ଝିଅଟି ଅଚାନକ ବନ୍ଧୁକରୁ ଗୁଳି ଛାଡ଼ିଲା, 'ମତେ ତୁମେ ପସନ୍ଦ କରୁଛ କି ?' ଏହି ଗୁଳି ରୂପି ତୀର ମାଡରେ ଘାଇଲା ହୋଇ ମନୁ ଖନେଇ ଖନେଇ କହିଲା, 'ମୁଁ ପୁଣି ତମକୁ ?' 'ମୁଁ ତ ତୁମକୁ ଚିହ୍ନିନି କି ଜାଣିନି ?'

'ଜାଣିନ କେମିତି ? ମୁଁ ନୀଲୁ.. ସେହି ନୀଲୁ, ଯାହାକୁ ତୁମେ ସବୁଦିନ ଝରକା ବାଟେ ଦେଖ । ଆଉ ଏବେ ଅଜଣାଙ୍କ ପରି ହେଉଛ !' ଝିଅଟି ଆଖି ନଚେଇ କହିଲା ।

'ମୁଁ ଆଉ ତୁମକୁ ଦେଖେ ? ପାଗଳ ହୋଇଯାଇଛ କି ? ମୁଁ ତ ତୁମକୁ ଜମାରୁ ଜାଣିନି, ଆଉ ତୁମକୁ ସବୁବେଳେ ଦେଖିବି କେମିତି ? ଆଛା ଠିକ୍ ଅଛି । ଏବେ କୁହ, ତୁମେ ରହୁଛ କେଉଁଠି ?' ମାମଲାକୁ ରଫାଦଫା କରିବା ଚକ୍କରରେ ମନୁ ଟିକିଏ ନରଗ ହେଲା ।

'ସାମ୍ନା ଘରେ !' ନୀଲୁ ବହୁତ ଜୋର ଦେଇ କହିଲା ।

'ମୋ ଘର ସାମ୍ନାରେ ! ହେଲେ ସେଠିତ ସାମ୍ନାଘରର ପଛପଟ ଦେଖାଯାଏ । ଆମକୁ ତ କେବଳ ସେ ଘରର ସ୍କାଏଲାଇଟ୍ ହିଁ ଦେଖାଯାଏ ।' ମନୁ କହିଲା ।

'ହଁ... ହଁ... ସେଇ ଘର, ମୁଁ ସେଇ ଘରର ଦ୍ୱିତୀୟ ମହଲାରେ ରହେ । ଯେତେବେଳେ ମୁଁ ଟେବୁଲ ଉପରେ ଷ୍ଟୁଲ ରଖି ବାହାରକୁ ଦେଖେ, ସଦାବେଳେ ତୁମକୁ ମୋତେ ଦେଖୁଥିବା ଅବସ୍ଥାରେ ପାଏ । ନିଲୁ ଆଖିକୁ ନଚେଇ ନଚେଇ କହିଲା ।

ମିଛି ମିଛିକା ଦୋଷାରୋପଣ ହେବାର ଦେଖି ମନୁ ଟିକିଏ ରୁକ୍ଷ ସ୍ୱରରେ କହିଲା, 'ମୁଁ ? ଅସମ୍ଭବ !' 'ସବୁବେଳେ ତ ମୋତେ ଦେଖୁଛ । ଏବେ ସତ ସତ କହିବ, ମିଛ ଜମାରୁ କହିବନି । ତୁମେ କ'ଣ ସତରେ ମୋତେ ଭଲ ପାଉଛ ?' ଝିଅଟି ପଚାରିଲା ।

ମନୁ ରାଗିଯାଇ କହିଲା, 'ଆରେ ମୋତେ ତ ତୁମର ମୁଣ୍ଡ ମଧ୍ୟ ଦେଖାଯାଏନି, ତେବେ ମୁଁ ତୁମକୁ ଭଲ ପାଇବି କେମିତି ?'

'ମୁଣ୍ଡ ଦେଖା ନଗଲେ କ'ଣ ହେଲା ? ଆଖି ତ ଦେଖାଯାଉଥିଲା ନା ! ପ୍ରେମ ଆଖିରେ ଆଖିରେ ହିଁ ତ ହୁଏ ମୁଣ୍ଡ ସହିତ ନୁହେଁ । ପ୍ରେମତ ଗୋଟିଏ ନଜରରେ ହୋଇଯାଏ । ତମେ ଏହି ପ୍ରେମକୁ ମିଛ ବୋଲି କହି ପାରିବନି । ମାନୁଛି ଦୂରରୁ ତୁମ ଆଖି ମୋତେ ଚିହ୍ନି ପାରିନଥିବ, ହେଲେ ଏବେ ତ ମୁଁ ତୁମ ସାମ୍ନାରେ ଅଛି ନା ! ତୁମ ନଜର ମୋ ନଜର ସହ ଟକ୍କର ଦେଇସାରିଛି । ମୁଁ ତୁମକୁ ଭଲ ପାଏ । ତୁମକୁ ଏଇ ସାଙ୍ଗେ ସାଙ୍ଗେ ମୋ ସହ ପ୍ରେମ ହୋଇଯିବ, ତଥାପି ତମେ କେମିତି ମନା କରୁଛ ।' ନିଲୁ ତା'ର ବକ୍‌ବକ୍ ଜାରି ରଖିଥିଲା ।

ଗୋଟେ ଢ଼ୋଲ ଭଳି ନିଲୁ (ଲୈଲା) ଜବରଦସ୍ତି ତା' ବେକରେ ଝୁଲିବାକୁ ଚେଷ୍ଟା କରୁଥାଏ । ମନୁ ଟିକେ ଡରିଗଲା । ସେ କୌଣସି ପ୍ରକାରେ ଏଇ ବୁଢ଼ିଆଣି ଜାଲରେ ଫସିବାକୁ ଚାହୁଁନଥାଏ । ତେଣୁ ତା'ର ପିଛା ଛଡେଇବାକୁ ଯାଇ କହିଲା, ତୁମ କଥା ତୁମେ ଜାଣ । ମୋର ସେଥିରେ କିଛି ଦେବା ନେବା ନାହିଁ । କି, ମା'ଙ୍କଠୁ ମାଡ ଖାଇବାର ନାହିଁ । ମୁଁ ତ ଚାଲିଲି ! ଏତିକି କହି ମନୁ ସାଇକେଲ୍ ଉପରେ ବସି ପଡିଲା । 'ମାଙ୍କ ଚାମଚା !' ନିଲୁ (ଲୈଲା) ଶେଷ ଗୁଳିକୁ ଫୁଟେଇଦେଲା ।

ନିଲୁର କଥାରେ ଧ୍ୟାନ ନ ଦେଇ ମନୁ ସେ ଯାଗାରୁ ଏମିତି ଖସିଲା ଯେ ସିଧା ଆସି ନିଜ ଘରେ ନିଃଶ୍ୱାସ ମାରିଲା । ଗଳାରୁ ଖଙ୍କାରି ସଫା କଲା । କିଛି ସମୟ ଅଟକି ଭାବିଲା, କେମିତିକିଆ ମୂର୍ଖ ଝିଅର ଚକ୍କରରେ ମଣିଷ ପଡିଯାଇଥିଲା । ଭଲ ହେଉଛି ପିଛା ଛଡେଇ ନେଲି, ନହେଲେ ଜଣା ନାହିଁ କେଉଁ ଜାଲରେ ଫସେଇ ଦେଇଥାନ୍ତା ।

ଝିଅଙ୍କ ପରି ଆଫ୍‌ତଠୁ ଦୂରରେ ରହୁଥିବା ମନୁର ଧ୍ୟାନ ସବୁବେଳେ ନିଜ ପାଠପଢ଼ା ଉପରେ ରହିଥାଏ । ସେ ଗୋଟେ ହୁସିଆର ତଥା ବୁଦ୍ଧିମାନ ପିଲା ହେବା ସହ କଲେଜରେ ସବୁବେଳେ ଟପ୍‌ରେ ରହୁଥିଲା । ଗୋଲ୍ଡ ମେଡାଲିଷ୍ଟ ମନୁର ଏପରି ଲଫଡାରେ କିଛି ନେବାର କି ଦେବାର ନଥିଲା । ମନୁ ରୁମ୍‌ରେ ଟହଲ ମାରି ପଢ଼େ । ପ୍ରାୟ ସେ ଝରକା ସାମ୍ନାରେ ଠିଆ ହୋଇ ପଢ଼ିଥିବା ପାଠକୁ ମନେ ପକାଇବାକୁ ଚେଷ୍ଟା କରେ । ଏଭଳି ନିଃସ୍ୱାର୍ଥ ଆଉ ସ୍ୱଚ୍ଛଳ ଭାବନା ଉପରେ ଯେ ଗ୍ରହଣ ଲାଗିପାରିବ ! ଏହା ମନୁ ଭାବନାଠୁ ବହୁତ ଦୂରରେ ଥିଲା । ଏହି ଘଟଣା ପରେ ମୁନ ବିଚଳିତ ହୋଇ ପଡୁଥିଲା । ଏବେତ ଝରକା ପାଖରେ ଭାବି ଆସି ଘରେ ପହଞ୍ଚିଗଲା । ହେଲେ ତା'ପରଦିନ ଚାରିଟା ବାଜିଲା ବେଳକୁ ମନୁର ମନ ବ୍ୟାକୁଳ ହେବାକୁ ଲାଗିଲା, କେମିତି କା ଯାଦୁଗରନୀ କେଜାଣି ? ମନର ଶାନ୍ତିକୁ ଚୋରେଇ ନେଲାଣି । "ମୁଁ ଯିବିନି, ଦେଖିବା ସେ କ'ଣ କରିବ ?" ଚାରିଟା ପଇଁଚାଳିଶ ବାଜିଲା ବେଳକୁ ସେ ଦେଇଥିବା ଧମକ ମନୁର ମନେ ପଡିଗଲା..., 'ଦେଖ ଠିକ୍ ସମୟରେ ଆସି ପହଞ୍ଚିଯିବ, ନ ହେଲେ... ମୁଁ ତୁମ ଘରେ ପହଞ୍ଚିଯିବି ।'

ମନୁକୁ ତା'ର ସବୁ ଅଙ୍କ ଯେମିତି ମାଟିରେ ମିଶିଗଲା.. ପରି ଲାଗୁଥାଏ । ଶେଷରେ ଯାଇ ସେ ପହଞ୍ଚିଗଲା ରେଷ୍ଟୁରାଣ୍ଟରେ ।



ପହଞ୍ଚିବା ମାତ୍ରେ ତା' ଆଖି ଆପେ ଆପେ ସାମ୍ନାରେ ଥିବା ସ୍କାଇଲାଇଟ୍ ଉପରକୁ ଚାଲିଯାଏ । ଆଉ ସେଠି...' ସେଠି ତାକୁ ଦୁଇଟି ଆଖି ଏକ ଲୟରେ ଚାହିଁଥିବାର ଦେଖିବାକୁ ମିଳେ ।

'ଏହି ଝିଅର ମୁଣ୍ଡ ଖରାପ, ନା ସେ ଦିୱାନୀ, ନେ ସେ ପାଗଳୀ ? ତା ପାଖରେ କ'ଣ ଆଉ କିଛି କାମ ଧନ୍ଦା ନାହିଁକି ? ସବୁବେଳେ କ'ଣ ସେ ଏଇ ସ୍କାଇଲାଇଟ୍ ପାଖରେ ଝୁଲିକି ରହୁଛି ।' ମନ ଭିତରେ ବହୁତ ରାଗ ମାଡୁଥାଏ ମନୁକୁ । ହେଲେ ନିଲୁର ପିଲାଳିଆମୀ ହରକତ ସବୁ ମନେ ପଡି, ନିଲୁ ଉପରେ ତା'ର ଦୟା ଆସୁଥାଏ । ସେ ନିଜେ ମଧ୍ୟ ବେଳେ ବେଳେ ସ୍କାଇଲାଇଟ୍ ଆଡକୁ ଲୁଚି ଲୁଚି ଟିକେ ଆଖି ବୁଲେଇ ଆଣେ ।

ଦିନେ ଅଚାନକ ନିଲୁ ପୁଣିଥରେ ଟକରେଇ ଗଲା । ଟକରେଇ ସାରିବା ପରେ... ସେ ବେଲୁନ୍ ଭଳି ଫାଟି ପଡିଲା, 'ଭାବିଲା କିଛି ? ' କ'ଣ ତୁମ ହୃଦୟରେ ବି କିଛି କିଛି ହେଉନି ?' ଦେଖନା ! ମୋର ଛାତି କେମିତି ଜୋର ଜୋରରେ ଧଡକୁଛି ! ନିଃଶ୍ୱାସ ମଧ୍ୟ ଠିକ୍‌ରେ ମୁଁ ନେଇ ପାରୁନି । ଜଲ୍‌ଦି ଚାଲ, କେଉଁଠି ଟକେ ବସି ଚାହା ପିଇବା ।' ମନୁ କିଛି କହିବା ପୂର୍ବରୁ ସେ ହାତକୁ ଧରି ଟାଣି ଟାଣି ନେଇଗଲା । ନିଜ ଚେତା ହରେଇଥିବା ମନୁ ଚୁପ୍‌ଚାପ୍ ତା ପଛରେ ଚାଲିବାକୁ ଲାଗିଲା । କଫି ପିଲାବେଳେ, ନିଲୁର ବକ୍‌ବକ୍ ଜାରି ରହିଥିବା ବେଳେ ମୁକ ପାଲଟି ଯାଇଥିଲା ମନୁ ।

ଫେରିବା ସମୟରେ ନିଲୁ କହିଲା, 'ପୁଣି କେବେ ଦେଖାହେବ ?' ପ୍ରତି ଉତ୍ତରର ଅପେକ୍ଷା ନକରି ସେ ତୁରନ୍ତ କହି ପକେଇଲା, ଠିକ୍ ଅଛି, କାଲି ସଂଧ୍ୟାରେ ଠିକ୍ ପାଞ୍ଚଟା ବେଳକୁ ଏଇ ରେଷ୍ଟୁରାଣ୍ଟକୁ ଆସିବ । ମୁଁ ଏଠି ତୁମକୁ ଅପେକ୍ଷା କରିଥିବି ।

"ମନୁ ମନେ ମନେ ତାକୁ ଆଙ୍ଗୁଠି ଦେଖାଇ କହିଲା... ହୁଁ ! ମୋ ଆସିବା ବାଟକୁ ଚାହିଁଥିବ ! ମୁଁ କେବେ ହେଲେ ଆସିବିନି । ମୋତେ ମୂର୍ଖ ବୋଲି ଭାବିଛି ନା କ'ଣ ?" ମନୁ ଏମିତି ଭାବି ମନୁର ବୁଦ୍ଧି ଭ୍ରଷ୍ଟ ହୋଇ ସାରିଥାଏ । ପାଠପଢ଼ାରୁ ମନ ମଧ୍ୟ ଉଠି ସାରିଥିଲା । ସେ ପ୍ରେମରେ ଦୁଇଧାରୀ ଖଣ୍ଡା ଉପରେ ଲଟକି ଥିଲା ଯେମିତି । ତା'ର ସବୁ ବୁଦ୍ଧି ବାଟବଣା ହୋଇଯାଇଥିବା ନିଲୁ ଆଗରେ ।

ଦିନେ ମନୁ ଦେଖିଲା ନିଲୁ ତା ମା'ଙ୍କର ପରିବା ବ୍ୟାଗକୁ ଧରି ଘର ପର୍ଯ୍ୟନ୍ତ ପଳେଇ ଆସିଛି ଆଉ ମା'ଙ୍କ ସହିତ ହସି ହସି କଥା ହେଉଛି । ମା'ବି ତା ସହିତ କଥାବାର୍ତ୍ତାରେ ମଗ୍ନ ଥିଲା ଯେମିତି । ଏହାଦେଖି ମନୁ ଭାବିଲା, ଏବେ ଆଉ କ'ଣ ନୂଆ ଘଟଣା ଘଟେଇବ କି ଏଇ ପାଖଣ୍ଡୀ ନିଲୁ ? ଏପଟେ ମନୁର ଜୀବନ ନାଟିକା ଅଟକି ଯାଇଥିବା ବେଳେ ତେଣେ ନିଲୁ ପୁଣି ଗୋଟେ ଫୁଲ ଫୁଟେଇ ସାରିଲାଣି । ମା'କିଛି ନବୁଝି ନସୁଝି ନିଲୁକୁ ଏ ଘରର ବୋହୂ କରି ଆଣିବ ବୋଲି ଘୋଷଣା କରିଦେଲା । ବୁଦ୍ଧିଆ ମନୁର ସବୁ ପାରିବା ପଣିଆ ଫୁସ୍ ହୋଇଗଲା ଗୋଟେ ଝିଅ ପାଖରେ । ଗୋଲ୍ଡ ମେଡାଲିଷ୍ଟ ମନୁ... ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିବା ମନୁ... ଶେଷରେ ରହିଗଲା ଗୋଟେ ଅଫିସର ବାବୁ ହୋଇ । ମା'-ପୁଅଙ୍କୁ ଫସେଇ ଲୈଲା ଏବେ ବଡ କୋଠାର ମାଲିକାଣୀ । ଏବେ ମା-ପୁଅ ଦୁଇଜଣଙ୍କ ଜୀବନ କଟୁଛି ନିଲୁର ସେବା ହୁକୁମ୍‌କୁ ପାଳନ କରି କରି । ତେଣୁ ଆପଣମାନଙ୍କ ସହିତ ଯେମିତି ଏପରି କିଛି ନ ଘଟିବ ସେଥିପାଇଁ କହୁଛି, ଯେତେବେଳେ ଏମିତି ଲୈଲା ସହିତ ଯଦି ସାମ୍ନା ହୋଇଯିବ, ଆପଣ ଟିକେ ସାବଧାନ ହୋଇଯାଇ ତୌବା କରିନେବେ, ନହେଲେ ଆପଣଙ୍କର ସବୁ ଯୋଗ୍ୟତା ମାଟିରେ ମିଶିଯିବ ଆଉ ଆପଣଙ୍କୁ ବଳି ପଡିବାକୁ ଥିବା ଛେଳିଟେ ହେବାକୁ ବେଶୀ ସମୟ ଲାଗିବନି ।

*୨୭, ବ୍ରହ୍ମେଶ୍ୱର ବାଗ*
*ଟଙ୍କପାଣି ରୋଡ, ଭୁବନେଶ୍ୱର*
*ଦୂରଭାଷ:୭୨୦୫୮୫୦୮୩୧*

# ଧର୍ମଯୁଦ୍ଧ ପୁଣିଥରେ



ବିନୟ ଭୂଷଣ ପାଣିଗ୍ରାହୀ



ତମେମାନେ ସବର୍ଣ୍ଣ କେମିତି ହେଲ !
ବ୍ରାହ୍ମଣ, କରଣ ଓ କ୍ଷତ୍ରିୟ ବୋଲି
ସବୁଠି ଅଛୁଆଁ ତମେ, ସବୁଠି ପଛୁଆ ଆଜି,
ତମ ପାଇଁ ବାସ ନାହିଁ, ନାହିଁ ଦାନାକନା,
ନାହିଁ ନିୟୋଜନ, ନାହିଁ ବି ଯୋଜନା ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ,
ତମେ ବି ଦେଖୁଛ ଚଉକସିଆ ସ୍ୱପ୍ନ
ପିଲାଙ୍କୁ ବାଢ଼େଇବ, ପଢ଼େଇବ,
ମଧୁ ବାରିଷ୍ଟର କରି ଘୋଡା ଚଢ଼େଇବ
ଏବେ ତାଙ୍କ ପେଟକୁ ନ ଦେଇ ଦାନା
ପିଠିକୁ ନଦେଇ କନା
ସେମାନଙ୍କ ଭବିଷ୍ୟତ ଗଢ଼ିବ ଏମିତି
ସେମାନଙ୍କ ଚଉଡା କପାଳ
ଏତେବେଶୀ ପ୍ରଶସ୍ତ ହେବ ଯେ
ଅନାୟାସେ ଧାରଣ କରିବ
ସପ୍ତସିନ୍ଧୁର ସମ୍ପଦ ଓ ଇନ୍ଦ୍ରଙ୍କ ପାରିବାପଣ
ଯାହାବଳେ ସମୁନ୍ନତ କରିବେ ସେମାନେ
ବାରମ୍ବାର ପଛରେ ପଡିଯାଉଥିବା
ଆମର ଏ ଦେଶ ଓ ଜାତିକୁ !

ବାପା କି ଗୋସାପ କେହି ରାଜା ଥିଲେ,
ଥିଲେ ମୁନସୀ ଅବା ଜମିଦାର,
ଘୋଡ଼ା ହାତୀ ଚଢ଼ି ବୁଲୁଥିଲେ,
ବାହାରି ପଡିଲେ ପାରିଧି କି ନଗର ଭ୍ରମଣେ
ପଥପାର୍ଶ୍ୱେ ମଥା ନତ କରି
ଦଣ୍ଡାୟମାନ ରହୁଥିଲେ
ତାହୁଁ ବଡା ତାହୁଁ ବଡା ରଥୀ ମହାରଥୀ
ଉଚ୍ଚସ୍ୱରେ କରୁଥିଲେ ଜୟ ଜୟକାର ।

ଘିଅ ଖାଇ ଖିରରେ ସେମାନେ
ପ୍ରକ୍ଷାଳନ କରୁଥିଲେ ହସ୍ତ ।
ପାଳରୁ ଗହରୀ ଯାଏଁ
ଯେତେ ଜମି, ଜୋର ଓ ପୋଖରୀ
ସବୁର ମାଲିକାନା ତାଙ୍କରି ହାତରେ ଥିଲା
ବାକି ମାନେ ଥିଲେ ଭାଗଚାଷୀ,
ଆଠକାଳି-ବାରମାସି ବୋଲକରା,
ଚାକର-ବାକର ।

ବରଷକ ଭାଗ ଅମଳରେ
ଭରୁଥିଲେ ବାରବର୍ଷ ଯାଏଁ
କୁବେର ଭଣ୍ଡାର ସମ ବିରାଟ ଅମାର,
ଅକାଳ, ଅବେଳ ଅବା ଦୁର୍ଭିକ୍ଷ ପଡିଲେ କେବେ
ଭୋକିଲାଙ୍କ ସାହା ଓ ଭରସା ଥିଲେ
ପାରଙ୍ଗମ ପୂର୍ବଜ ତମର ।
ଯାଉଁଳିଆ ନିଶ ଥିବା କିଛି ତୈଳଚିତ୍ର
ଏବେବି ହୁଏତ ଝୁଲୁଥିବ
ଛପର ନଥିବା ତମ ଘର ଫାଟୁଆ କାନ୍ଥରେ
ତାକୁ ଦେଖି ଚଉଡା ହେଉଥିବ ଛାତି,
ଗର୍ବରେ ପୁଲିଫୁଲି କହୁଥିବ,
ଆମେମାନେ ବ୍ରାହ୍ମଣ, କରଣ, କ୍ଷତ୍ରିୟ
ସାମୟିକ ଅସମ୍ପନ୍ନ ହେଲେ କଣ ହେବ
ଆମେମାନେ ବଡ଼ଜାତି ସମାଜ ଭିତରେ
କେବେଥରେ ଭାବି ଦେଖ ତ
କଅଣ ମିଳୁଛି ତମକୁ ସେ ଫଟୋରୁ,
ସେ ପଗଡି ଓ ଜାଉଁଳି ନିଶରୁ !

କର୍ପୁର ନାହିଁ ହେଲେ, କନା ତ ପଡିଛି କହି
ପେଟେ ଦେଇ ଓଦା କନା,
ମିଛ ହସ ବାନ୍ଧିଦେଇ ଓଠେ,
ଶୁଣିଶୁଣି ବୃଥା ଚାଟୁକାରୀ କାଟିଲଣି ଦି'ତିନି ପୁରୁଷ
ତା'ପରେ ବି ଭରିନାହିଁ ମନ ଯେ
ସ୍ୱପ୍ନର ଲାଞ୍ଜକୁ ଟାଣି ଲମ୍ବାଇ ଚାଲିଛ !


ସେ କାଳର ଅସବର୍ଣ୍ଣ, ଅଛୁଆଁ ଓ ଅପାଠୁଆ ମାନଙ୍କର
ଦାୟାଦ ମାନଙ୍କ ଖପୁରୀ ତଳର ଖଞ୍ଜା
ଢ଼ୋଲ ପରି ଖାଲି ଥାଇ ମଧ
ସବୁଠି ଅଗ୍ରଣୀ ଆଉ ସିଂହଭାଗ ସବୁଠି ତାଙ୍କର
ସେଇମାନେ ଅଗ୍ରପୂଜ୍ୟ, ସେଇମାନେ ବିଶ୍ୱରକର୍ମୀ,
ସେଇମାନେ ହର୍ତ୍ତାକର୍ତ୍ତା-ଦଇବ ବିଧାତା
କାରଣ, 'ବାପରାଣ ଢେଙ୍କି ଗିଳ' ନୀତିରେ
ଅଥବା, 'ତମେ ଆମ ପଶୁପାତ ଅସ୍ତ୍ର' ବିଚାରରେ
ସେଇମାନେ ଗଣ୍ଡିଧନ-ଗଳାମାଳି ସରକାରଙ୍କର ।
ତାଙ୍କ ପାଇଁ ଯୋଜନାର ମାଳ ଫିଙ୍ଗାଯାଏ,
ନିଯୁକ୍ତି କ୍ଷେତ୍ରରେ, ମାଟିକୁ ଛୁଇଁବା ଯାଏଁ
ନୂଆଁଇ ଦିଆଯାଏ ମାନଦଣ୍ଡ, ଶିକ୍ଷା ଓ ଦୀକ୍ଷାର,
ଶାରୀରିକ, ବୌଦ୍ଧିକ ଯୋଗ୍ୟତା ଓ ପାରଙ୍ଗମତାର,
ସିଂହଭାଗ ସର୍ବତ୍ର ତାଙ୍କର
ଯେହେତୁ ସେମାନେ ଥିଲେ କେବେଦିନେ
ପଛୁଆ ଜାତିର ଓ ବଞ୍ଚିତ ବର୍ଗର ।

ଏବେ ଆଉ ଜମି ନାହିଁ, ଜମା ନାହିଁ,
ରହିବାକୁ ଘର ନାହିଁ, ନାହିଁ ଜମିଦାରୀ,
ପ୍ରାଣ ବିକଳରେ ବିକିଦେଲେ ସେମାନଙ୍କୁ ସେସବୁ
ଶାଗମାଛ ଭାଉରେ ମୁଲାଇ
ଯେଉଁମାନେ ପୁରୁଷ ପୁରୁଷ ଧରି
ସେ ଜମିରେ ଭାଗଚାଷୀ ଥିଲେ,
ଜମିର ମାଲିକ ସେଇମାନେ ଏବେ
ତମେଆମେ ଜମିହୀନ, ଭୂମିହୀନ, ବାସହୀନ,
ସର୍ବହରା; ସମାଜରେ ଭିନ୍ନ ଏକ ବର୍ଗ
ଯାହାପାଇଁ ଯୁଆଡେ ଚାହିଁଲେ
କିଛି ହେଲେ କିଛି ବି କେଉଁଠି ନାହିଁ
ମାଟିରୁ ଆକାଶ ଯାଏଁ
ଶୂନ୍ୟତାର ମହା ପାରାବାର ।

ମୁଁ ତ କହିବି,
ଆଜିକା ଦିନରେ ସମାଜଟା ଦ୍ୱିଧା ବିଭକ୍ତ-
'ଥିଲାବାଲା ଓ ନଥିଲା ବାଲା'
ବାସ, ଦୁଇ ଜାତି, ଦୁଇ ବର୍ଗ ମାତ୍ରା
ଖାସକରି ସେଇଥିପାଇଁ ତ କହୁଛି,
ବର୍ତ୍ତମାନ ପ୍ରକୃଷ୍ଟ ସମୟ
ସୂତ୍ରପାତ କରିଦେବା ପାଇଁ
ଆଉ ଏକ ଧର୍ମଯୁଦ୍ଧ-ଶ୍ରେଣୀ ସଂଘର୍ଷର,
ସଂସ୍ଥାପିତ କରିବାକୁ ନୂଆ କରି ପୁଣି
ଆର୍ଥିକ ସାମ୍ୟବାଦ, ସମ ଅଧିକାର,
କେବଳ କାଶ୍ମୀରରୁ କନ୍ୟାକୁମାରୀ ନୁହେଁ
ଘରେଘରେ, ସାହି-ସହରରେ
ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ସାରା ଭାରତରେ,
ଉପଲବ୍ଧ ସାଧନ ସବୁ କୁ ନିକିତିରେ ଭଳକି ତଉଲି
ବରାବର ବାଣ୍ଟିନେବାକୁ ।


*ହରସିଂହପୁର, ପୀରହାଟ ବଜାର*
*ଭଦ୍ରକ, ଓଡ଼ିଶା*
*ଭ୍ରାମ୍ୟଭାଷ: ୯୯୩୭୫୪୮୪୩୧*





**ସୁନେନା ବେହୁରା**
ଷ୍ଟାଣ୍ଡାର୍ଡ-୪
କ୍ରିଷ୍ଟା ମୂର୍ତ୍ତି ୱାର୍ଲ୍ଡ ସ୍କୁଲ
ଫୁଲନଖରା, କଟକ






**ଆରୁଷି କାବ୍ରା**
ନବମ ଶ୍ରେଣୀ
କେମ୍ବ୍ରିଜ ସ୍କୁଲ, ମୁମ୍ବାଇ

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମତିଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ



**ଭୁବନେଶ୍ୱର:** ବିଗତ ଦୁଇ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବରେ ଓଡ଼ିଶାବାସୀଙ୍କ ସେବା କରିଆସୁଥିବା ବିଜୁ ଜନତା ଦଳ ନିଜ ସାମାଜିକ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ 'ଜୀବନ ବିନ୍ଦୁ' ବିଶିଷ୍ଟ ଜନନାୟକ ବିଜୁ ବାବୁଙ୍କ ୯୯ତମ ଜୟନ୍ତୀ ୫ ମାର୍ଚ୍ଚ, ୨୦୧୫ ମସିହାରେ ଶୁଭାରମ୍ଭ କରିଥିଲା। ରାଜ୍ୟର ଅଗଣିତ ଛାତ୍ର, ଯୁବକ, ମହିଳା, ଶ୍ରମିକ, କୃଷକ, ସଂଖ୍ୟାଲଘୁ, ଆଇନଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବିଜେଡିର ଶୁଭେଚ୍ଛୁ ତଥା ଜନସାଧାରଣଙ୍କ ଅକୁଣ୍ଠ ସହଯୋଗରେ ଏହି କାର୍ଯ୍ୟକ୍ରମ ବର୍ଷ ତମାମ ବିଭିନ୍ନ ଜିଲ୍ଲା, ବ୍ଲକ, ସହରାଞ୍ଚଳ ଓ ପଞ୍ଚାୟତରେ ଆୟୋଜନ କରାଯାଇ ଏ ପର୍ଯ୍ୟନ୍ତ ୩ଲକ୍ଷ ୮ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଆବଶ୍ୟକତା ସମୟରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଯୋଗାଇ ଦିଆଯାଇଛି। ବିଜୁ ଜନତା ଦଳ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ଦଳର ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟର ଜନସାଧାରଣଙ୍କୁ ସ୍ୱେଚ୍ଛାରେ ରକ୍ତଦାନ କରିବା ପାଇଁ ଆହ୍ୱାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମର କ୍ରମାଗତ ସଫଳତାକୁ ଦୃଷ୍ଟିରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମ ତିଥିରେ ବିଜୁ ଜନତା ଦଳ ୧୬ ଅକ୍ଟୋବର ଦିନ ରାଜ୍ୟବ୍ୟାପୀ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଆୟୋଜନ କରୁଛି। ଭୁବନେଶ୍ୱରସ୍ଥିତ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ସମେତ ରାଜ୍ୟର ୫୯ଟି ପ୍ରମୁଖ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ରକ୍ତଦାନ ଶିବିରରେ ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାତାଙ୍କ ଗହଣରେ ନିଜର ଜନ୍ମଦିନ ପାଳିବେ। ଗୋଟିଏ ଦିନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଜୁ ଜନତା ଦଳର ଶୁଭେଚ୍ଛୁ, କାର୍ଯ୍ୟକର୍ତ୍ତା, ସ୍ଥାନୀୟ ନେତୃମଣ୍ଡଳୀ ଓ ଜନସାଧାରଣଙ୍କ ସହଯୋଗରେ ଏହି ଅଭିଯାନ ସଫଳ ହେବ ବୋଲି ଆଜି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଦେବାଶିଷ ସାମନ୍ତରାୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଦଳର ସାଧାରଣ ସଂପାଦକ ତଥା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିଏମ୍‌ସିର ପ୍ରସ୍ତାବିତ ହୋଲ୍‌ଡିଙ୍ଗ ଟିକସ ଜନବିରୋଧି'

**ଭୁବନେଶ୍ୱର:** ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ପ୍ରସ୍ତାବିତ ହୋଡିଙ୍ଗ୍ ଟିକସକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ବିରୋଧ କରୁଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନର ଜମିର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି। ସେହି ଅନୁପାତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଏମ୍‌ସିକୁ ପତ୍ର ଲେଖାଯାଇ ହୋଲଡିଂ ଟିକସ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବିତ ହୋଲଡିଂ ଟିକସ କାର୍ଯ୍ୟକାରୀ ହେଲେ ରାଜଧାନୀରେ ଘରଭଡ଼ା, ଦୋକାନଭଡ଼ା ମୂଲ୍ୟ ଆକାଶଛୁଆଁ ହୋଇଯିବ। ବାର୍ଷିକ ୫ ରୁ ୬ ହଜାର ଟଙ୍କା ହୋଲଡିଙ୍ଗ ଟିକସ ଦେଉଥିବା ବାସିନ୍ଦାମାନଙ୍କୁ ୧୫ ରୁ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ହୋଲଡିଙ୍ଗ ଟିକସ ଦେବାକୁ ପଡ଼ିବ। ଏହା ନିଶ୍ଚିତ ଭାବରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଶ୍ରେଣୀକୁ ବାଧିବ। ବି.ଏମ.ସି.ର ଏହି ପ୍ରସ୍ତାବିତ ପିଟୁଣୀ ଟିକସକୁ ମଧ୍ୟ ଘରମାଲିକମାନଙ୍କୁ ଦେବାକୁ ପଡ଼ିବ। ଘରମାଲିକମାନେ ଏହି ଟିକସକୁ ଭଡ଼ାଟିଆମାନଙ୍କଠାରୁ ଆଦାୟ କରିବେ। ଏହାଫଳରେ ଛୋଟ ଛୋଟ ଦୋକାନୀ, ଘରଭଡ଼ା ନେଇ ରହୁଥିବା ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ଯେଉଁ ହାରରେ ଟିକସ ପ୍ରସ୍ତାବ କରାଯାଇଛି ତାହା ଜଣେ ସାଧାରଣ ଲୋକ ପକ୍ଷରେ ଦେବା ସମ୍ଭବପର ହେବନାହିଁ। ତେଣୁ ଏହାକୁ ସମାଜବାଦୀ ପାର୍ଟି ବିରୋଧ କରୁଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଭୁବନେଶ୍ୱରର ୬୭ଟି ୱାର୍ଡର ଘରମାଲିକ, ଭଡ଼ାଟିଆ ଓ ଦୋକାନଘର ଭଡ଼ା ନେଇ ନିଜର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀମାନଙ୍କ ଉପରେ ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ। ମ୍ୟୁନିସିପାଲ୍ କର୍ପୋରେସନ୍ ହୋଲଡିଙ୍ଗ ଟିକସ ବାବଦକୁ ବର୍ତ୍ତମାନ ଯେଉଁଭଳି ଟିକସ ନେଉଛନ୍ତି, ସେହି ଅନୁସାରେ ସେବା ଯୋଗାଇବାରେ ତତ୍ପରତା ପ୍ରକାଶ କରୁନାହାଁନ୍ତି। ଗଳିକନ୍ଦି ସଫେଇ ହେଉ, ଠିକ୍ ସମୟରେ ପାନୀୟ ଜଳ ଯୋଗାଣ ହେଉ, ଅଳିଆ ଆବର୍ଜନା ସଫା ହେଉ କିମ୍ବା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହେଉ, ସବୁ ଦୃଷ୍ଟିରେ ଦେଖିଲେ ବିଏମ୍‌ସିର କାର୍ଯ୍ୟ ଆଦୌ ସନ୍ତୋଷଜନକ ନୁହେଁ। ରାସ୍ତା ଘାଟ ଖାଲଖମାରେ ଭର୍ତ୍ତି, ବହୁ ଯାଗାରେ ବିଜୁଳି ଆଲୁଅ ଜଳୁନାହିଁ, ରାସ୍ତା କଡ଼ରେ ଅଳିଆ ଆବର୍ଜନା ଦିନ ଦିନ ଧରି ଗଦା ହୋଇ ରହୁଛି, ନାଳ ନର୍ଦ୍ଦମାରୁ ପଙ୍କ ଉଦ୍ଧାର ହେଉନାହିଁ କିମ୍ବା ଦଳ ମଧ୍ୟ ସଫା ହେଉନାହିଁ। ଅଭିଯୋଗ କଲେ ମଧ୍ୟ ବି.ଏମ୍.ସି. ନିଦାବିଷ୍ଟୁ ଭଳି ବ୍ୟବହାର କରୁଛି।

### ଜିଲ୍ଲା ଆପାତକାଳୀନ ପରିଚାଳନା ବୈଠକ


# ଶିଳ୍ପ କାରଖାନା ଅଞ୍ଚଳରେ ଆପାତକାଳୀନ ପ୍ରତିକାର ବ୍ୟବସ୍ଥା ଉପରେ ଗୁରୁତ୍ୱ



**ବାରିପଦା:** ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ଶିଳ୍ପ କାରଖାନା ଓ ତାର ପାରିପାର୍ଶିକ ଅଂଚଳରେ ଆପତ କାଳିନ ପ୍ରତିକାର ବ୍ୟବସ୍ଥା ତଥା ପଦକ୍ଷେପ ସଂପର୍କିତ ଜିଲ୍ଲା ଆପତ କାଳିନ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲେସନ୍ କେନ୍ଦ୍ରଠାରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଯାଜପୁର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲରର୍ସ, ଯାଜପୁର ଡିଭିଜନର ଡେପ୍ୟୁଟୀ ଡାଇରେକ୍ଟର ଉମେଶ ଚନ୍ଦ୍ର ସୁତାର ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟକରୁଥିବା ଶିଳ୍ପ କାରଖାନା ଦ୍ୱାରା ଉତ୍ପାଦନ ଭିତିକ କରାଯାଇଥିବା କୌଣସି ରାସାୟନିକ ଦ୍ରବ୍ୟ/ପ୍ରଦାର୍ଥର ବ୍ୟବହାର ଓ ତାର ସୁପରିଚାଳନା ଦିଗରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଏବଂ କୌଣସି କାରଣ ଜନିତ ହଠାତ୍ ଦୁର୍ଘଟଣା ଘଟିଲେ କିପରି ସତର୍କତା ଅବଲମ୍ବନ କରିବା ପାଇଁ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲରର୍ସ ସୁପରିଚାଳନାରେ ଉଦ୍ଦିଷ୍ଟ ଥିବା ସରକାରଙ୍କ ପରିବେଶ ନିୟମାନିର୍ଦ୍ଦେଶାବଳୀ ପାଳନ କରିବା ଦିଗରେ ଥିବା ଉପରେ ସବିଶେଷ ଆଲୋଚନାରେ ସୂଚାଇଥିଲେ। ଏ ଦିଗରେ ଜିଲ୍ଲାରେ ଥିବା କାରଖାନା ଭିତର (ଅନ୍‌ସାଇଟ୍) ଏବଂ କାରଖାନ ପାରିପାର୍ଶିକ ଅଂଚଳ (ଅଫ୍‌ସାଇଟ୍) ଜରୁରୀକାଳିନ ସ୍ୱତନ୍ତ୍ର ଯୋଜାନା ପ୍ରସ୍ତୁତ କରାଯିବା, ଜିଲ୍ଲା ଆପତ କାଳିନ ଟିମ/ଦଳ ଏବଂ ଆପତକାଳିନ ସତର୍କତାମୂଳକ ପଦକ୍ଷେପ (ମକ୍‌ଡ୍ରିଲ୍) ର ଆୟୋଜନର କରାଯିବାର ଆବଶ୍ୟକତା ତଥା ଉପାଦେୟତା ସଂପର୍କରେ ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳବିଶେଷ କରି ରାଇରଙ୍ଗପୁର ଅଂଚଳରେ କାର୍ଯ୍ୟକରୁଥିବା କାରଖାନାର ପରିଚାଳକ ଓ ପ୍ରତିନିଧିମାନେ ସେମାନଙ୍କ କାରଖାନାରେ ଥିବା ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ତଥା ଗଚ୍ଛିତ ଥିବା ପରିମାଣ ଏବଂ ଏହାର ବିପଦ ସଂକୁଳ ପ୍ରଭାଭର ପ୍ରତକାର ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ। ବୈଠକରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଂଚଳରେ କାର୍ଯ୍ୟକରୁଥିବା ଶିଳ୍ପକାରଖାନାରେ ଉତ୍ପାଦନ ଭିତିକ ସ୍ପଞ୍ଜ ଆଇରନ ବଏଲଡ୍ ଗ୍ୟାସ୍ କାରଖାନାରେ ବ୍ୟବହାର ହେଉଥିବା କାରବନ୍ ଅକ୍ସାଇଡ୍ ଗ୍ୟାସ୍ ର ସୁପରିଚାଳନା ପାଇଁ ଆବଶ୍ୟକୀୟ ଉପକରଣ / ସରଞ୍ଜାମ ପ୍ରସ୍ତୁତ ରଖାଯିବା ସହ ଦକ୍ଷ କର୍ମଚାରୀଙ୍କ ଦାୟୀତ୍ୱରେ ସୁପରିଚାଳନା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଶିଳ୍ପ କାରଖାନାର ମାଲିକ / ପରିଚାଳକ ଏବଂ ସଂପୃକ୍ତ ବିଭାଗ ଅଧିକାରୀମାନଙ୍କୁ ଗୁରୁତ୍ୱାରୋପ କରିଛନ୍ତି। ଏଥି ସହିତ ନିୟମ ନିର୍ଦ୍ଦେଶାଳୀର କଡାକଡି ପାଳନ କରାଯିବା ଦିଗରେ ବିଶେଷ ଦୃଷ୍ଟିଦେଇ ସଂପୃକ୍ତ କାରଖାନା ଭିତର ପରିସର ଅଂଚଳ (ଅନ୍ ସାଇଡ) ଏବଂ ପାରିପାର୍ଶିକ ଅଂଚଳ(ଅଫସାଇଟ୍) ଆପତ କାଳିନ କାର୍ଯ୍ୟଖସଡା ଏବଂ ସଚେତନତା ସୃଷ୍ଟି କରାଯିବା ଦିଗ ଉପରେ ସବିଶେଷ ଆଲୋଚନା କରାଯିବା ସହିତ ସଂପୃକ୍ତ କାରଖାନାର ଅଗ୍ନିନିର୍ବାପକ ବ୍ୟବସ୍ଥା ର ଆନୁସଂଗିକ ସରଜାମ୍ ସଂପର୍କିତ ନୋ ଅଫଜେକ୍ସନ ସାର୍ଟିଫିକେଟ୍ ସଂପୃକ୍ତ ବିଭାଗ କର୍ତୃପକ୍ଷଙ୍କ ଠାରୁ ଆଣିବା ପାଇଁ ସମସ୍ତ ଫ୍ୟାକ୍ଟ୍ରିଜ୍ ପରିଚାଳକ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ଜରୁରୀ ଅଧିକାରୀ ସୁବଳ କୁମାର ପଡି ଓ ଆର୍ ସେ, ବାରିପଦା ଅଗ୍ନିଶମ ସେବା ଅଧିକାରୀ, ଜିଲ୍ଲା ସୂଚନାଲୋକ ସଂପର୍କଅଧିକାରୀ ଏବଂ ସଂପୃକ୍ତ ବିଭାଗ ଅଧିକାରୀ ପ୍ରମୁଖ ସମେତ ଜିଲ୍ଲାର ଶିଳ୍ପ କାରଖାନା ମାଲିକ ମାନେ ଯୋଗଦେଇ ଆଲୋଚନାରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ।

### ପୁଲିସ ବାଇକ ଧରି ଅଭିଯୁକ୍ତ ଫେରାର ଘଟଣା

## କର୍ତ୍ତବ୍ୟରେ ଅବହେଳା ପାଇଁ ଏଏସ୍‌ଆଇ, ହାବିଲଦାର ନିଲମ୍ବିତ



**ବାରିପଦା:** ପୁଲିସ ହେପାଜତରୁ ଏବଂ ପୁଲିସର ବାଇକ ଧରି ଅଭିଯୁକ୍ତ ଫେରାର ଘଟଣାରେ କର୍ତ୍ତବ୍ୟରେ ଅବହେଳା କରିଥିବାର ଦର୍ଶାଇ ଶୁଳିଆପଦା ଥାନା ଏଏସଆଇ ସତ୍ୟନାରାୟଣ ବାରିକ ଓ ହାବିଲଦାର ଦୀପ୍ତେଶ କୁମାର ଦାଶଙ୍କୁ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିଥ ପରଷୋତ୍ତମ ଦାସ ଆଜି କାର୍ଯ୍ୟରୁ ନିଲମ୍ବିତ କରାଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଗତ ଗୁରୁବାର ସନ୍ଧ୍ୟା ସମୟରେ ଶୁଳିଆପଦା ଥାନା ଅଧୀନ କୁଜିଡ଼ିହି ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇଥିବାର ଖବର ପାଇ ଏଏସଆଇ ସତ୍ୟନାରାୟଣ ଓ ହାବିଲଦାର ଦୀପ୍ତେଶ ଘଟଣାସ୍ଥଳରେ ପହଁଞ୍ଚିଥି ଗୁରୁତର ଆହତ ହୋଇଥିବା ଜନୈକ ମହିଳାଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପଠାଇଥିଲେ। ଏଥି ସହିତ ଦୁର୍ଘଟଣା ଘଟାଇଥିବା ପଶ୍ଚିମବଙ୍ଗ ରାଜ୍ୟ ମନୋହରପୁର ଅଞ୍ଚଳର ସଞ୍ଜୀବ ଜେନା ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ସମୟରେ ସୁବିଧା ସୁଯୋଗ ଦେଖି ଏଏସଆଇ ସତ୍ୟନାରାୟଣ ଓ ହାବିଲଦାର ଦୀପ୍ତେଶଙ୍କୁ ଚକ୍‌ମା ଦେଇ ପୁଲିସର ବାଇକ ଧରି ଅଭିଯୁକ୍ତ ସଞ୍ଜୀବ ଫେରାର ହୋଇଯାଇଥିଲା ଏବଂ ଶେଷରେ ସଞ୍ଜୀବ ବାଇକକୁ ଉଦଳା ବଜାର ନିକଟ ଏକ ଜଙ୍ଗଲରେ ଛାଡ଼ି ପଳାଇଯାଇଥିଲା। ଖବର ପାଇ ଉକ୍ତ ବାଇକକୁ ଉଦଳା ଥାନା ପୁଲିସ ଜବତ କରିଥିଲା।

## ଏକମାଣିଆ ପଞ୍ଚାୟତରେ ସରକାରୀ ଯୋଜନା ଅପହଞ୍ଚ

**କେନ୍ଦ୍ରାପଡା:** ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଗ୍ରାମପଞ୍ଚାୟତ ଏକ ବିଚ୍ଛିନ୍ନାଞ୍ଚଳ ତଥା ଏହାର ଚତୁପାର୍ଶ୍ୱରେ ବ୍ରାହ୍ମଣୀ ଏବଂ ଅନ୍ୟାନ୍ୟ ଖରସ୍ରୋତା ନଦୀ ପ୍ରବାହିତ ହେଉଥିବାରୁ ଏହା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହୁଥିବାର ଏହି ପଞ୍ଚାୟତ ବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଉକ୍ତ ପଞ୍ଚାୟତଟି ବିଚ୍ଛିନ୍ନାଚଂଳ ହୋଇଥିବାରୁ ସେଠାକୁ କୌଣସି ସରକାରୀ ଅଧିକାରୀ ଯାଆନ୍ତି ନାହିଁ। ଫଳରେ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ଉଭୟ ମିଶି ମନଇଚ୍ଛା କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ସରକାରଙ୍କ ତରଫରୁ ଆସୁଥିବା ଆବାସ ଯୋଜନା, ବିଜୁ ପକ୍କାଘର ଇତ୍ୟାଦି ପାଇଁ ଦଲାଲ ମାନଙ୍କ ମାଧ୍ୟମରେ ୨୫ ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ଆଦାୟ କରାଯାଉଛି। ଏହି ପଞ୍ଚାୟତର ବିଦ୍ୟାଳୟ ଠାରୁ ଆରମ୍ଭ କରି ଅଙ୍ଗନବାଡି କେନ୍ଦ୍ର ପର୍ଯ୍ୟନ୍ତ ପ୍ରତ୍ୟେକଟିରେ ଅନିୟମିତତା ହେଉଥିବାର ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ଗ୍ରାମବାସୀମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟିବା ସହ ପଞ୍ଚାୟତ ବୁଲି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ ନିବେଦନ କରିଛନ୍ତି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

#### ୬%କୁ ଖସିବ ...

ହେବାକୁ ଥିବା ବାର୍ଷିକ ବୈଠକ ପୂର୍ବରୁ ଏ ସମ୍ବନ୍ଧରେ ଘୋଷଣା କରାଯାଇଛି। ବିଶ୍ୱ ବ୍ୟାଙ୍କର କହିବା ମୁତାବକ, ମାନୁଫାକ୍‌ଚରିଂ ଏବଂ ନିର୍ମାଣ ଶିଳ୍ପ କ୍ଷେତ୍ରରେ କାରବାର ବୃଦ୍ଧି ପାଇଥିବାରୁ ଏହି କ୍ଷେତ୍ରର ଅଭିବୃଦ୍ଧି ୬.୯ ପ୍ରତିଶତ ରହିଛି। କିନ୍ତୁ କୃଷି ଏବଂ ସେବା କ୍ଷେତ୍ରରେ ସେଭଳି ଉନ୍ନତି ଘଟିପାରିନଥିବାରୁ ଏଗୁଡିକରେ ଅଭିବୃଦ୍ଧି ଯଥାକ୍ରମେ ୨.୯ ଏବଂ ୭.୫ ପ୍ରତିଶତ ରହିଛି। ୨୦୧୯-୨୦ ବର୍ଷର ପ୍ରଥମ ତ୍ରୈମାସିକରେ ଆର୍ଥିକ ବ୍ୟବସ୍ଥାର ବିଭିନ୍ନ ଦିଗରେ ଦ୍ରୁତ ଅବନତି ଦେଖାଯାଇଥିବାରୁ ଘରୋଇ ଉପଯୋଗ ଏବଂ ଚାହିଦାରେ ସର୍ବାଧିକ ହ୍ରାସ ପରିଲକ୍ଷିତ ହୋଇଥିଲା। ଯେଉଁଥିପାଇଁ ସାମଗ୍ରୀକ ଅର୍ଥନୀତିରେ ଦ୍ରୁତ ହ୍ରାସ ଘଟିଛି ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମୁଡିଜ୍ ଇନ୍‌ଭେଷ୍ଟର୍ସ ସର୍ଭିସ୍ ମଧ୍ୟ ୨୦୧୯-୨୦ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ହାର ଆକଳନ ୬.୨୦%ରୁ ୫.୮୦% ପର୍ଯ୍ୟନ୍ତ ହ୍ରାସ କରିଥିଲା। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ନିକଟରେ ହୋଇଥିବା ଏହାର ମୁଦ୍ରାନୀତି ସମୀକ୍ଷା ବୈଠକରେ ଜିଡିପି ଅଭିବୃଦ୍ଧି ହାର ଆକଳନକୁ ୬.୧୦%କୁ ହ୍ରାସ କରିଥିଲା। ଆସନ୍ତା ୧୫ ତାରିଖରେ ଆଇଏମ୍‌ଏଫ୍ ଚଳିତବର୍ଷ ସମେତ ଆସନ୍ତା ବର୍ଷ ପାଇଁ ଏହାର ଅଭିବୃଦ୍ଧି ହାର ଆକଳନର ଅଧିକାରିକ ସଂଶୋଧିତ ରିପୋର୍ଟ ଜାରି କରିବ ବୋଲି ଜଣାପଡ଼ିଛି। ଆନ୍ତର୍ଜାତିକସ୍ତରରେ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଦକ୍ଷିଣ ଏସିଆ ଅର୍ଥନୀତି ପ୍ରଭାବିତ ହୋଇଥିବା ବେଳେ ଭାରତ ଭଳି ଏକ ବିକାଶଶୀଳ ଅର୍ଥନୀତି ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି। ଭାରତରେ ଗତବର୍ଷ ଠାରୁ ଲାଗି ରହିଥିବା ମାନ୍ଦାବସ୍ଥା ଚଳିତ ବର୍ଷ ଅଧିକ ଉତ୍କଟ ହୋଇଛି। ଯେଉଁଥିପାଇଁ ୨୦୧୯ରେ ଭାରତର ଆର୍ଥିକ ଅଭିବୃଦ୍ଧି ବାଂଲାଦେଶ ଏବଂ ନେପାଳ ଭଳି ଅତ୍ୟନ୍ତ କ୍ଷୁଦ୍ର ରାଷ୍ଟ୍ରମାନଙ୍କ ଅଭିବୃଦ୍ଧି ଠାରୁ ମଧ୍ୟ ପଛରେ ପଡ଼ିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

#### ଦମ୍ ଦେଖାଇଲେ ...

ଡାକ୍ତରଖାନା ପରିଦର୍ଶନରେ ଯାଇ କାର୍ଯ୍ୟାନୁଷ୍ଠାନ ନେବା ସବୁଠି ତାଙ୍କ ପ୍ରଶାସନିକ ଅଭିଜ୍ଞତାର ଛାପ୍ ଦେଖିବାକୁ ମିଳୁଛି। କ୍ଷେତ୍ର ପରିଦର୍ଶନ କରିବା ସହ ଶ୍ରୀ ପାଣ୍ଡିଆନ 'ଅନ୍ ଦ ସ୍ପଟ୍' ଯେଭଳି ନିଷ୍ପତ୍ତି ନେଉଛନ୍ତି ତାହା ଓଡ଼ିଶା ଶାସନରେ ଆଗରୁ କେବେ ଦେଖିବାକୁ ମିଳିନଥିଲା। ଦୁର୍ନୀତିଗ୍ରସ୍ତ ତଥା କର୍ତ୍ତବ୍ୟରେ ଅବହେଳା କରୁଥିବା ସରକାରୀ କର୍ମଚାରୀଙ୍କୁ କିଭଳି ଶାସ୍ତି ଦିଆଯାଏ ସୁନ୍ଦରଗଡ଼ ଜିଲ୍ଲାରେ ତାହାର ଉଦାହରଣ ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ତ୍ରୁଟି ଓ ଅବହେଳା ପାଇଁ ସୁନ୍ଦରଗଡ଼ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଙ୍କଜ ପଟେଲଙ୍କୁ ନିଲମ୍ବିତ କରିବା ସହିତ ଶ୍ରୀ ପାଣ୍ଡିଆନ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରିଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନରେ ପ୍ରାଶାସନିକ ମହଲରେ ହୃତ୍‌କମ୍ପନ ସୃଷ୍ଟି ହୋଇଥିଲା ବେଳେ ସାଧାରଣ ଲୋକ କିନ୍ତୁ ଏହାକୁ ଭରପୂର ସମର୍ଥନ କରୁଛନ୍ତି। ରାଉରକେଲା ଗସ୍ତ ବେଳେ ସେକ୍ଟର-୨୦ ଅଞ୍ଚଳରୁ ଜଣେ ବସ୍ତି ମହିଳା ସୀମା ମୁଖୀ ଓ ତାଙ୍କ ବୋହୂ ଟିନା ମୁଖୀ ଶ୍ରୀ ପାଣ୍ଡିଆନଙ୍କ ନିକଟରେ ଏକ ସାଂଘାତିକ ଅଭିଯୋଗ ଆଣିଥିଲେ। ଏତଦ୍‌ବ୍ୟତୀତ ଏହି ଗସ୍ତ ବେଳେ ଦେଖାଯାଇଥିଲା ଯେ, ଜଣେ ମହିଳା ତାଙ୍କର କୁନିପୁଅର ଚିକିତ୍ସା ଲାଗି ନେହୁରା ହେଉଥିଲା ବେଳେ ଡାକ୍ତରାଣୀ ମ୍ୟାଡମ କିନ୍ତୁ ମୋବାଇଲ ଗେମ୍ ଖେଳିବାରେ ବ୍ୟସ୍ତ ରହିଥିଲେ। ଅଭିଯୋଗ ଶୁଣିବା ପରେ ଶ୍ରୀ ପାଣ୍ଡିଆନ ପାନପୋଷ ଉପଜିଲ୍ଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ 'ମୋ ସରକାର' କାର୍ଯ୍ୟକ୍ରମରେ ୧୫ଟି ଜିଲ୍ଲାର ୧୭ଟି ସ୍ଥାନରେ ସ୍ଥିତି ଯାଞ୍ଚ କରାଯାଇଛି। ତା'ଭିତରେ ସୁନ୍ଦରଗଡ଼ ଜିଲ୍ଲାରେ ସବୁଠାରୁ ଅଧିକ ଅଭିଯୋଗ ମିଳିଛି। ଯେଉଁଥିପାଇଁ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ପ୍ରକ୍ରିୟାକୁ ନିଶ୍ଚିତ କରାଯିବାକୁ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡିଛି। ୫-ଟି ସଚିବ ଭାବେ ଶ୍ରୀ ପାଣ୍ଡିଆନ ଯେଭଳି ଦୃଢ଼ତାର ସହିତ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ରାଜ୍ୟ ପାଇଁ ବାସ୍ତବିକ ସଠିକ୍ ପଦକ୍ଷେପ ବୋଲି ସବୁଠି ଚର୍ଚ୍ଚା ହେଉଛି। ଥାନା ଓ ଡାକ୍ତରଖାନା ଭଳି ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ଗୁଡିକ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହେବା ଉଚିତ୍। ଶୂନ୍ୟ ସହନଶୀଳତା ନୀତି ଆଧାରରେ ପ୍ରକୃତରେ ଯଦି ଲୋକଙ୍କ ପାଇଁ କାର୍ଯ୍ୟ କରାଯିବ ତେବେ ରାଜ୍ୟର ବିକାଶ ଆଗକୁ ବଢ଼ିଚାଲିବ।

#### ରାସନ କାର୍ଡ ...

(ପିଡିଏସ୍)ରେ ଦୁର୍ନୀତିକୁ ରୋକିବା ଲକ୍ଷ୍ୟ ରଖି ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନୀନ ବଣ୍ଟନ ମନ୍ତ୍ରଣାଳୟ ତରଫରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପ୍ରଣାଳୀରେ ସରକାର ଜାତୀୟସ୍ତରୀୟ ରାସନ୍ କାର୍ଡର ଯାଞ୍ଚ କରିବେ। ଖାଦ୍ୟ ଏବଂ ସାର୍ବଜନୀନ ବିତରଣ ବିଭାଗର ସଚିବ ରବିକାନ୍ତ କହିଛନ୍ତି ଯେ, ଥରେ ଏହି ପ୍ରଣାଳୀ ଲାଗୁ ହେବା ପରେ ଜାତୀୟସ୍ତରରେ ସମସ୍ତ ରାସନ୍ କାର୍ଡର ଯାଞ୍ଚ କରାଯିବ ଏବଂ ଏହାପରେ ନୂତନ ରାସନ୍ କାର୍ଡ ଜାରି କରାଯିବ। ବର୍ତ୍ତମାନ ସମୟରେ ମଧ୍ୟ ଅନେକ କ୍ଷେତ୍ରରେ ଏଭଳି ପ୍ରଣାଳୀରେ ଯାଞ୍ଚ କରାଯାଉଛି। ଦେଶରେ ପ୍ରାୟ ୨୩.୩୦ କୋଟି ରାସନ୍ କାର୍ଡଧାରୀ ରହିଛନ୍ତି, ଯେଉଁଥିରୁ ୮୫% ଲାଭାର୍ଥୀ ସେମାନଙ୍କ ରାସନ୍ କାର୍ଡକୁ ଆଧାର ନମ୍ବର ସହିତ ଯୋଡ଼ିଛନ୍ତି। ବର୍ତ୍ତମାନ ଗ୍ରାମୀଣ କ୍ଷେତ୍ରର ୭୫% ଏବଂ ସହରାଞ୍ଚଳର ୫୦% ଭାଗ ଜାତୀୟ ଖାଦ୍ୟ ସୁରକ୍ଷା ଆକ୍ଟ, ୨୦୧୩ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ରହିଛନ୍ତି। ଜନସଂଖ୍ୟା ମୁତାବକ ଏନ୍‌ଏଫ୍‌ଏସ୍‌ଏ ଅଧୀନରେ ୮୧.୩୫ କୋଟି ଲୋକ ସବ୍‌ସିଡି ପାଇବା ପାଇଁ ହକ୍‌ଦାର ଅଛନ୍ତି।

#### ସଡ଼କ ...

ସେମାନଙ୍କୁ ସଚେତନତାର ଆବଶ୍ୟକତା ରହିଛି। ତେଣୁ ଏହାକୁ ଅତ୍ୟନ୍ତ ଗୁରୁତର ସହିତ ନେଇ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଯୋଜନାବଦ୍ଧ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସଡ଼କ ସୁରକ୍ଷା ତଥା ଟ୍ରାଫିକ ସମ୍ପର୍କରେ ଜନସଚେତନତା ହିଁ ଦୁର୍ଘଟଣାକୁ ରୋକିପାରିବ। ତେଣୁ ସ୍କୁଲ, କଲେଜଠାରୁ ଆରମ୍ଭ କରି ରାସ୍ତାଗୁଡ଼ିକରେ ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ପରିବହନ ବିଭାଗ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଗାଡ଼ିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଆଦି ଯେପରି ଲୋକମାନେ ସୁବିଧାରେ ପାଇପାରିବେ, ତାକୁ ଦୃଷ୍ଟିରେ ରଖି ଆର୍‌ଟିଓ ଅଫିସଗୁଡ଼ିକରେ ଅଧିକ କାଉଣ୍ଟର୍ ଖୋଲାଯିବା ସହିତ ଗ୍ରାମାଞ୍ଚଳରେ ଶିବିର ଆୟୋଜନ କରାଯିବା ନେଇ ମଧ୍ୟ ପରିବହନ ସଚିବ ଚିଠିରେ ଗୁରୁତ୍ୱାରୋପ କରିଛନ୍ତି। ସେପଟେ ରାଜ୍ୟରେ ଥିବା ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ପାଇଁ ସମସ୍ତ ଜିଲ୍ଲାପାଳ, ଏସ୍‌ପି ଓ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ମୋଟରଯାନ ଆଇନ ଲାଗୁ ହେବା ପରେ ଲାଇସେନ୍ସ ହାସଲ କରିବା ପାଇଁ ରାଜ୍ୟର ସମସ୍ତ ପରିବହନ କାର୍ଯ୍ୟାଳୟରେ ଭୀଡ଼ ହେଉଛି। ଏହାର ଫାଇଦା ଉଠାଇ କିଛି ଦଲାଲ ଲୋକଙ୍କୁ ଲାଇସେନ୍ସ ଯୋଗାଇ ମାତ୍ରାଧିକ ଅର୍ଥ ହାସଲ କରୁଛନ୍ତି। ଏମାନଙ୍କ ଯୋଗୁଁ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପରିବହନ କାର୍ଯ୍ୟାଳୟକୁ ସ୍ୱଚ୍ଛ କରିବା ଲକ୍ଷ୍ୟରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଦଲାଙ୍କୁ ପରିବହନ କାର୍ଯ୍ୟାଳୟ ନିଷେଧ ନେଇ ଏକ ନୋଟିସ ଲଗାଯାଇଛି। ଦଲାଲମାନେ ଏହାର ଉଲଙ୍ଘନ କଲେ ସେମାନଙ୍କ ବିରୋଧରେ ସ୍ଥାନୀୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଦଲାଲମାନଙ୍କୁ ପ୍ରଶ୍ରୟ ନ ଦେବା ପାଇଁ ଅଫିସରମାନଙ୍କୁ ମଧ୍ୟ ପରିବହନ କମିଶନର ତାଗିଦ୍ କରିଛନ୍ତି।

#### ଭାରତ-ଚୀନ୍...

ମଧ୍ୟରେ ରଣନୈତିକ ସମ୍ପର୍କ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ପୁନଶ୍ଚ କହିଥିଲେ, ଆମେ ଆମର ମତାନ୍ତରକୁ ବିବାଦରେ ପରିଣତ ନକରି ବିଚାରଶୀଳତାର ସହ ଏହାର ସମାଧାନ କରିବାକୁ ନିଷ୍ପତି ନେଇଛୁ। ଆମେ ପରସ୍ପରର ଆବଶ୍ୟକତାକୁ ନେଇ ସମ୍ବେଦନଶୀଳ ଏବଂ ଆମ ସମ୍ପର୍କ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଦିଗରେ ପ୍ରୟାସ କରିବ। ମାମଲ୍ଲପୁରମଠାରେ ଅନୁଷ୍ଠିତ ଦ୍ୱିତୀୟ ଅନୌପଚାରିକ ଶିଖର ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଲେ, ଚେନ୍ନାଇ ସମ୍ମିଳନୀରେ ଏପର୍ଯ୍ୟନ୍ତ ଆମେ ବିଭିନ୍ନ ଦ୍ୱିପାକ୍ଷିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ବ୍ୟାପକ ଭାବେ ଆଲୋଚନା କରିଛୁ। ଉହାନ ସମ୍ମିଳନୀ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ଗତି ପ୍ରଦାନ କରିଛି। 'ଚେନ୍ନାଇ ସଂଯୋଗ' ଦ୍ୱାରା ଆମ ଦୁଇ ଦେଶର ସମ୍ପର୍କ କ୍ଷେତ୍ରରେ ଏକ ନୂତନ ଯୁଗ ଆରମ୍ଭ ହୋଇଛି। ଆମର ଦ୍ୱିତୀୟ ଅନୌପଚାରିକ ସମ୍ମିଳନୀ ପାଇଁ ଭାରତ ଆସିଥିବାରୁ ମୁଁ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଧନ୍ୟବାଦ ଅର୍ପଣ କରୁଛି। 'ଚେନ୍ନାଇ ସଂଯୋଗ' ଭାରତ-ଚୀନ ସମ୍ପର୍କକୁ ମଜଭୁତ କରିବ। ଏହା ଦ୍ୱାରା ଆମ ଦେଶର ଜନସାଧାରଣ ଓ ବିଶ୍ୱ ଉପକୃତ ହେବେ।

## ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ



**ସୋନପୁର:** ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଚକ୍ଷୁ ହେଉଛି ମଣିଷର ଅମୂଲ୍ୟ ସମ୍ପଦ। ଏହାର ଯତ୍ନ ନେବା ନିହାତି ଆବଶ୍ୟକ। ଆବଶ୍ୟକ ସମୟରେ ଚିକିତ୍ସା ସୁବିଧା ଗ୍ରହଣ ପୂର୍ବକ ଚକ୍ଷୁର ଯତ୍ନ ନେବା ଦ୍ୱାରା ଅନ୍ଧତ୍ୱ ଦୂରୀକରଣ ହୋଇପାରିବ। ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା ଗୋଷ୍ଠି ସ୍ତରରେ ସାମୁହିକ ଚକ୍ଷୁ ପରୀକ୍ଷା, ଡାଇବେଟିକ ରେଟିନୋପାଥିର ପରୀକ୍ଷା, ଏବଂ ଆବଶ୍ୟକ ସ୍ଥଳେ ମାଗଣା ଚଷମା ପ୍ରଦାନ, ଗୁରୁତର ଚକ୍ଷୁରୋଗ ପାଇଁ ମାଗଣା ଚିକିତ୍ସା ଅଦି ସେବା ଏହି ସୁନେତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ପ୍ରଦାନ କରାଯିବ ବୋଲି ବକ୍ତାମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ର ଠାରେ ଆୟୋଜିତ ସଚେତନତା ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଅଧ୍ୟକ୍ଷତା ରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁରୋଗ ବିଶେଷଜ୍ଞ ଡ.ସଞ୍ଜିବ କୁମାର କର ଯୋଗ ଦେଇ ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତି ଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଳ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏପରିକି ଚକ୍ଷୁରୋଗର ବିଭିନ୍ନ କାରଣ ଓ ନିରାକରଣ ସମ୍ପର୍କୟଙ୍କର ମଧ୍ୟ ବିସ୍ତୃତ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଜିଲା ଯକ୍ଷ୍ମା ଅଧିକାରୀ ଡ.ପଦ୍ମହଂସା ଦୋରା, ଜାତୀୟ ଗ୍ରାମୀଣ ସ୍ୱସ୍ଥ୍ୟ ମିଶନର ଜିଲା ସଂଯୋଜକ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ପରିଚାଳନା କରିଥିଲେ। ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ଏଥିରେ ସହରର ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସମୀର ନାୟକ, କେନ୍ଦ୍ରୀୟ ଷ୍ଟୋର ଫାର୍ମାସିଷ୍ଟ ତାରିଣୀ ଚରଣ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।







# ଶ୍ରୀ କାଶୀ ବିଶ୍ୱନାଥ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ଶ୍ରୀ** ବିଶ୍ୱେଶ୍ୱର (ବିଶ୍ୱନାଥ) ଜ୍ୟୋର୍ତିଲିଙ୍ଗ ଶିବନଗରୀ ଭାବରେ ପ୍ରସିଦ୍ଧ ବାରାଣସୀ ବା କାଶୀନଗରୀରେ ପୂଜିତ ହେଉଛନ୍ତି। ବାରୁଣା ଏବଂ ଅସୀ ନଦୀ ଏଠାରେ ଗଙ୍ଗାନଦୀ ସହ ମିଳିତ ହୋଇଥିବାରୁ ଏହା ବାରାଣସୀ ନାମରେ ନାମିତ ହୋଇଥିବା ଜଣାଯାଏ। ବହୁ ପୁରାତନ କାଳରୁ ଏହା ଏକ ସୁନ୍ଦର ଆଧ୍ୟାତ୍ମିକ ଶୈବପୀଠ




ଭାବରେ ପ୍ରସିଦ୍ଧି ଲାଭ କରିଛି। ସେହି ସମୟରେ ଏଠାରେ କଶୀ ନାମ ଏକ ଜଙ୍ଗଲୀ ଜାତି ବସବାସ କରୁଥିବାରୁ ଏହାକୁ କାଶୀ ନାମରେ ନାମକରଣ କରାଯାଇଛି। ଭାରତର ଶୈବକ୍ଷେତ୍ର ମାନଙ୍କ ମଧ୍ୟରେ ଏହାକୁ ଶ୍ରେଷ୍ଠ ବୋଲି ଗ୍ରହଣ କରାଯାଏ। କୁହାଯାଏ ଯେ ବିଶ୍ୱେଶ୍ୱରଙ୍କୁ ଦର୍ଶନ ଓ ମଣିକର୍ଣ୍ଣିକା ତୀର୍ଥରେ ସ୍ନାନ ଜୀବନକୁ ପାପମୁକ୍ତ କରିଥାଏ। ଏଠାରେ ମୃତ୍ୟୁ ହେଲେ ଶିବ ନିଜେ ମୃତକଙ୍କ କର୍ଣ୍ଣରେ ମୃତ୍ୟୁ ସଂଜୀବନୀ ମନ୍ତ୍ର ପ୍ରଦାନ କରିବା ସହ ମୁକ୍ତି ପ୍ରଦାନ କରିଥାନ୍ତି। କଥିତ ଅଛି, ପ୍ରଳୟକାଳରେ ମଧ କାଶୀନଗରୀର କୌଣସି କ୍ଷତି ସାଧନ ହୋଇନଥାଏ। ପ୍ରଳୟକାଳରେ ଭଗବାନ ଶଙ୍କର ନିଜର ତ୍ରିଶୂଳ ଦ୍ୱାରା ଏହି କ୍ଷେତ୍ରକୁ ଧାରଣ କରି ରଖନ୍ତି ଓ ସୃଷ୍ଟି ପ୍ରାରମ୍ଭରେ ସ୍ୱସ୍ଥାନକୁ ନେଇ ଆସନ୍ତି। ଏହି ତୀର୍ଥର ଅନ୍ୟନାମ ଗୁଡ଼ିକ ହେଲା ଆଦିଶକ୍ତି, ଆନନ୍ଦକାନନ, ମହାଶ୍ମଶାନ, ଶିବପୁରୀ, ଶିବି ନଗରୀ, ମଙ୍ଗଳ ଆଳୟ, ଭୂମିସ୍ୱର୍ଗ, ସିଦ୍ଧିବନ, ରୁଦ୍ରକ୍ଷେତ୍ର ଇତ୍ୟାଦି। ନିର୍ବିକାର ଚୈତନ୍ୟ ଓ ସନାତନ ବ୍ରହ୍ମ ବିଶ୍ୱରୂପ ଧାରଣ କରି ନିରାକାରରୁ ସାକାର ରୂପ ଧାରଣ କରିଥିଲେ। ଏହାପରେ ଶିବ ଓ ଶକ୍ତି ରୂପରେ ପୁରୁଷ ଓ ସ୍ତ୍ରୀ ଦୁଇଟି ଭିନ୍ନ ରୂପ ଧାରଣ କଲେ। ପ୍ରକୃତି ଓ ପୁରୁଷଙ୍କୁ ଭଗବାନ ଶିବ ଶୂନ୍ୟବାଣୀ କରି ସୃଷ୍ଟି ସର୍ଜନା ପାଇଁ ତପସ୍ୟା କରିବାକୁ ଆଦେଶ ଦେଲେ। ଏଥିପାଇଁ ଏକ ଉତ୍ତମ ସ୍ଥାନ ନିରୂପଣ କରିବା ପାଇଁ ଶିବ ନିଜର ତେଜ ବଳରେ ପଞ୍ଚକୋଶୀ ନଗରୀ ନିର୍ମାଣ କଲେ। ସେହି ସ୍ଥାନରେ ବିଷ୍ଣୁ ବହୁବର୍ଷ ଶିବଙ୍କୁ ତପସ୍ୟା କରି ସେଠାରେ ଅନେକ ଜଳଧାର ବା ଝରଣା ସୃଷ୍ଟି କଲେ। ଏଥିରେ ଆନନ୍ଦିତ ହୋଇ ବିଷ୍ଣୁ ନିଜର ମୁଣ୍ଡ ହଲାଇବା ଫଳରେ ତାଙ୍କ କାନରୁ ଏକ ସୁନ୍ଦର ମଣି ପତିତ ହୋଇଥିଲା। ସେଥିପାଇଁ ଏ ସ୍ଥାନର ଅନ୍ୟ ଏକ ନାମ ମଣିକର୍ଣ୍ଣିକା ହୋଇଥିଲା।

ପବିତ୍ର ମଣିକର୍ଣ୍ଣିକା କ୍ଷେତ୍ରର ସୃଷ୍ଟି ବିଷୟରେ ବିଭିନ୍ନ ମତ ପ୍ରକାଶ ପାଇଥାଏ। ଦକ୍ଷ ଯଜ୍ଞ ପରେ ସତୀଙ୍କର ମୃତଦେହ ଧାରଣ କରି ଶିବ ବୁଲିବା ସମୟରେ ବିଷ୍ଣୁ ସୁଦର୍ଶନ ଚକ୍ର ସାହାଯ୍ୟରେ ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ। ଖଣ୍ଡିତ ଅଂଶଗୁଡ଼ିକ ଯେଉଁ ଯେଉଁ ସ୍ଥାନରେ ପଡ଼ିଥିଲା ପ୍ରତ୍ୟେକ ଗୋଟିଏ ଗୋଟିଏ ଶକ୍ତି ପୀଠର ମାନ୍ୟତା ଲାଭ କରିଥିଲା। ଏହି ସ୍ଥାନରେ ସତୀଙ୍କର କାନ ଏବଂ ମଣିକୁଣ୍ଡଳ ପଡ଼ିଥିବାରୁ ଏହାକୁ ମଣିକର୍ଣ୍ଣିକା ନାମରେ ନାମିତ କରାଯାଇଛି। ଅନ୍ୟ ଏକ ମତ ଅନୁଯାୟୀ କାଶୀ କ୍ଷେତ୍ରରେ ବ୍ରହ୍ମା ଓ ଅନ୍ୟ ଦେବତାମାନେ ଯଜ୍ଞାନୁଷ୍ଠାନ ପରେ ନିଜ ନିଜ ସ୍ଥାନକୁ ଫେରି ଯାଇଥିଲେ। ନାରାୟଣ ଏହି କ୍ଷେତ୍ରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଲେ। ଥରେ ନାରାୟଣ ଶିବଙ୍କୁ ଆରାଧନା କରୁଥିବାବେଳେ ଭାବବିହ୍ୱଳ ହୋଇ ପଡ଼ିଲେ। ଏହା ଦେଖି ଶିବ ଲିଙ୍ଗ ମଧ୍ୟରୁ ପ୍ରକଟ ହୋଇ ନାରାୟଣଙ୍କୁ ଆଲିଙ୍ଗନ କରି ଆନନ୍ଦ ମନରେ ନୃତ୍ୟ କରିବାକୁ ଲାଗିଲେ। ଦୀର୍ଘ ସମୟ ଏହା ଚାଲିବା ପରେ ନାରାୟଣ ନୃତ୍ୟରେ ଅବଶ ହୋଇ ପଡ଼ିଲେ। ମାତ୍ର ଶିବ ତାଙ୍କର ତାଣ୍ଡବ ନୃତ୍ୟ ଚାଲୁ ରଖିଲେ। ମାଆ ବସୁମତୀ ବିଚଳିତ ହୋଇ ନୃତ୍ୟ ବନ୍ଦ କରିବାର ଉପାୟ ଚିନ୍ତା କଲେ। ସେ ମହାଦେବଙ୍କର ଏକ କୁଣ୍ଡଳ କାନରୁ ଖସାଇ ଦେଲେ ଓ ତାହା ଭୂଗର୍ଭକୁ ପ୍ରବେଶ କରିବାକୁ ଲାଗିଲା। ସଦାଶିବ ନୃତ୍ୟ ବନ୍ଦକରି କୁଣ୍ଡଳୀଟିକୁ ପାଇବା ପାଇଁ ତାଙ୍କର ଡାହାଣ ହାତ ଭୂମି ମଧ୍ୟକୁ ପ୍ରବେଶ କରାଇଲେ। ପାତାଳ ପର୍ଯ୍ୟନ୍ତ ତାଙ୍କ ହାତ ପ୍ରବେଶ କଲେ ମଧ କୁଣ୍ଡଳୀଟି ପାଇଲେ ନାହିଁ। ମହାଦେବ ହାତ ବାହାର କରିବା ମାତ୍ରେ ସେହି ଗର୍ତ୍ତ ମଧ୍ୟରୁ ଏକ ଜଳସ୍ରୋତ ନିର୍ଗତ ହୋବକୁ ଲାଗିଲା। ଉକ୍ତ ଜଳସ୍ରୋତ ଓ ସେହି ସ୍ଥାନକୁ ସଦାଶିବ ମଣିକର୍ଣ୍ଣିକା ନାମ ପ୍ରଦାନ କରିଥିଲେ। ମଣିକର୍ଣ୍ଣିକା ତୀର୍ଥରେ ସ୍ନାନ ବାରାଣସୀଯାତ୍ରାର ଏକ ମୁଖ୍ୟ ଅଂଶ। ଶିବ ସେହିଦିନ ଠାରୁ ଗୋଟିଏ କୁଣ୍ଡଳ ପରିଧାନ କରୁଥିବାର ଦେଖାଯାଇଥାଏ। ତୀର୍ଥକ୍ଷେତ୍ର ମାନଙ୍କ ମଧ୍ୟରେ କାଶୀ ତୀର୍ଥ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରାଯିବାର କାରଣ ହେଲା ଏଠାରେ ଦ୍ୱାଦଶ କୋଟି ଶିବଲିଙ୍ଗ ଅବସ୍ଥାନ କରୁଥିବାର ଶାସ୍ତ୍ରରେ ବର୍ଣ୍ଣନା ଅଛି। ଲିଙ୍ଗମାନଙ୍କ ମଧ୍ୟରେ ଅବିମୁକ୍ତେଶ୍ୱର ବା ବିଶ୍ୱେଶ୍ୱର ବା ବିଶ୍ୱନାଥ ମୁଖ୍ୟ ଅଟନ୍ତି। ପଞ୍ଚ ଗୃହ୍ୟ ଲିଙ୍ଗ, ଅଷ୍ଟ ବିନାୟକ, ଅଷ୍ଟଭୈରବ, ନବଗୌରୀ, ବିଷ୍ଣୁ ପାଦୋଦକ, ଭଗବତୀ ଅନ୍ନପୂର୍ଣ୍ଣା ଆଦି ଅସଂଖ୍ୟ ପବିତ୍ରପୀଠ ଏଠାରେ ବିଦ୍ୟମାନ। ଅନ୍ୟାନ୍ୟ ପବିତ୍ର ସ୍ଥାନ ମଧ୍ୟରେ ଚକ୍ରତୀର୍ଥ, ବେଣୀମାଧବ, କାଳ ଭୈରବ, ଦଶ୍ୱାଶମେଧ ଘାଟ ଆଦି ମୁଖ୍ୟ ଦର୍ଶନୀୟ ସ୍ଥାନ। ବ୍ରହ୍ମା ତାଙ୍କ ସୃଷ୍ଟି ସର୍ଜନା ଆରମ୍ଭ କରିବା ପୂର୍ବରୁ ଏହି କ୍ଷେତ୍ରରେ ଶିବ ଆରାଧନା ଆରମ୍ଭ କରିଥିଲେ। ବହୁଦିନ ତପସ୍ୟା ପରେ ସେଠାରେ ଯଜ୍ଞ ଆରମ୍ଭ କରିବା ପାଇଁ ଶୂନ୍ୟବାଣୀ ହେଲା। ବ୍ରହ୍ମ ଦେବତାମାଙ୍କ ସହ ମହାବାରୁଣୀ ଯୋଗରେ ଯଜ୍ଞ ଆରମ୍ଭ କଲେ। ସେହି ସମୟରେ ବିଶ୍ୱନାଥଙ୍କର ମହାଲିଙ୍ଗ ସ୍ଥାପିତ ହୋଇଥିଲା। ଯଜ୍ଞ ପରେ ଦେବତାମାନେ ନିଜ ନିଜର ଆରାଧ ଲିଙ୍ଗମାନ ସେଠାରେ ସ୍ଥାପନ କଲେ। ଏଠାରେ ଦ୍ୱାଦଶ କୋଟି ଶିବଲିଙ୍ଗ ମଧ୍ୟରୁ ୧୦୮ ଲିଙ୍ଗଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଏ। ଏମାନଙ୍କ ମଧ୍ୟରେ ଓଁକାରନାଥ, କକ୍ଷେଶ୍ୱର, ବେଲେଶ୍ୱର, କପର୍ଦ୍ଦିକେଶ୍ୱର, କମଲେଶ୍ୱର, କୃତିବାସ, ପଶୁପତି, କେଦାରେଶ୍ୱର, କାମେଶ୍ୱର ଆଦି ମୁଖ୍ୟ ଅଟନ୍ତି। ସ୍ଫଟିକ ଲିଙ୍ଗ ଓ ଗୋକର୍ଣ୍ଣ ଆକୃତିର ଗୋକର୍ଣ୍ଣେଶ୍ୱର ଲିଙ୍ଗ ବିଶେଷ ଆକର୍ଷଣୀୟ। ବିଭିନ୍ନ ଦେବତା ଓ ମୁନି-ରଷିମାନଙ୍କ ଦ୍ୱାରା ସ୍ଥାପିତ ଲିଙ୍ଗ ସେମାନଙ୍କ ନାମ ଅନୁସାରେ ବ୍ୟାସେଶ୍ୱର, ନବଗ୍ରହେଶ୍ୱର, ମାର୍କଣ୍ଡେଶ୍ୱର, ଅଙ୍ଗିରେଶ୍ୱର ଇତ୍ୟାଦି ନାମରେ ନାମିତ। ବିଭିନ୍ନ ଦୈତ୍ୟମାନଙ୍କ ଦ୍ୱାରା ସ୍ଥାପିତ ଲିଙ୍ଗ ଯଥା ତାରକେଶ୍ୱର, ତ୍ରିପୁରେଶ୍ୱର, ରାବଣେଶ୍ୱର ଆଦି ଏଠାରେ ଦେଖିବାକୁ ମିଳନ୍ତି। ଛତ୍ର ଆକାରରେ ଛତ୍ରେଶ୍ୱର, ଚକ୍ର ଆକାରରେ ଚକ୍ରେଶ୍ୱର, ଗଦା ଆକାରରେ ଗଦେଶ୍ୱର, ବେଲପତ୍ର ଆକୃତିର ବେଲେଶ୍ୱର, କୁମ୍ଭ ଆକୃତିର କୁମ୍ଭକେଶ୍ୱର ଆଦି ଲିଙ୍ଗମାନ ଏଠାରେ ବିରାଜମାନ। ୧୦୩୩ରୁ ୧୬୬୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ମନ୍ଦିର ବିଭିନ୍ନ ଆକ୍ରମଣର ସମ୍ମୁଖୀନ ହୋଇଛି। ପରିଶେଷରେ ୧୬୬୯ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯିବା ସହିତ ସେଠାରେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରାଯାଇଥିଲା। ସେହି ମସ୍‌ଜିଦ ବର୍ତ୍ତମାନ ମନ୍ଦିର ପରିସରକୁ ଲାଗି ଅବସ୍ଥିତ।

ଶିକ୍ଷା, ସଂସ୍କୃତି, ସଙ୍ଗୀତ, ସ୍ଥାପତ୍ୟ ଦୃଷ୍ଟିରୁ ବାରାଣସୀ ବହୁ ପୁରୁଣା କାଳରୁ ପ୍ରସିଦ୍ଧି ଲାଭ କରିଛି। ବାରାଣସୀକୁ ବର୍ତ୍ତମାନ ମଧ୍ୟ ପୃଥିବୀରେ ତିଷ୍ଠିକି ରହିଥିବା ସର୍ବପୁରାତନ ସହରର ମାନ୍ୟତା ପ୍ରଦାନ କରାଯାଇଥାଏ। ହିନ୍ଦୁଧର୍ମର ସମସ୍ତ ଶାସ୍ତ୍ର ପୁରାଣରେ ବାରାଣସୀ ବା କାଶୀର ବର୍ଣ୍ଣନା ଦେଖିବାକୁ ମିଳିଥାଏ। ପୌରାଣିକ ଓ ଧାର୍ମିକ ପ୍ରାଧାନ୍ୟ ବହନ କରିଥିବା କାଶୀ କ୍ଷେତ୍ର ବର୍ତ୍ତମାନ ମଧ ଶିକ୍ଷା, ସଂସ୍କୃତି, ସଂଗୀତ ଆଦି ସବୁକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ବୁଦ୍ଧଦେବ ୨୫୦୦ ବର୍ଷ ପୂର୍ବେ ବାରାଣସୀ ନିକଟସ୍ଥ ସାରନାଥ ଠାରୁ ତାଙ୍କର ଜ୍ଞାନ ବିତରଣ ଆରମ୍ଭ କରିଥିଲେ। ସପ୍ତମ ଶତାବ୍ଦୀରେ ହୁଏନସାଂଙ୍କ ବିବରଣୀରେ ମଧ ବାରାଣସୀ କ୍ଷେତ୍ରର ବର୍ଣ୍ଣନା ଦେଖିବାକୁ ମିଳେ। ବର୍ତ୍ତମାନର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଭାରତର ବହୁ ବିଦ୍ୱାନ ଓ ଶ୍ରେଷ୍ଠ ଶିକ୍ଷାବିତ୍ ମାନଙ୍କୁ ଉତ୍ପନ୍ନ କରିଛି। ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ ଭାବରେ ବର୍ଣ୍ଣନା କରାଯାଇଥିବା ବାରାଣସୀ କ୍ଷେତ୍ର ଓ ବିଶ୍ୱେଶ୍ୱର ଜ୍ୟୋର୍ତିଲିଙ୍ଗ ଦର୍ଶନରେ ରାଜସୂୟ, ଅଶ୍ୱମେଧ ଓ ବାଜପେୟ ଯଜ୍ଞର ଫଳଲାଭ ହୋଇଥାଏ ବୋଲି କୁହାଯାଏ। ଅନ୍ୟ କୌଣସି ତୀର୍ଥ ସ୍ଥାନ ଯାତ୍ରା ନକରି କେବଳ ଏହିଠାରେ ଶିବ ଆରାଧନା କଲେ ଜଣେ ସର୍ବମୋକ୍ଷ ପ୍ରାପ୍ତ ହୁଏ। ଆହ୍ଲାବାଦ ତ୍ରୀବେଣୀରେ ଶ୍ୱଶୁରଙ୍କର ଅସ୍ଥି ବିସର୍ଜନ କରି ଆମେ ସେଠାରୁ ବାରାଣସୀ ଯାତ୍ରା କରିଥିଲୁ ଓ ବିଶ୍ୱେଶ୍ୱର ମହାଦେବଙ୍କର ଦର୍ଶନର ସୌଭାଗ୍ୟ ଲାଭ କରିଥିଲୁ। ଜୟଗଙ୍ଗେ, ଜୟ ବିଶ୍ୱନାଥ, ଓଁ ନମଃ ଶିବାୟ ଧ୍ୱନିରେ ଏଠାରେ ଗଗନ ପବନ ପ୍ରକମ୍ପିତ ହେବା ସହିତ ଭକ୍ତମାନଙ୍କ ହୃଦୟରେ ଅପୂର୍ବ ପୁଲକ ଜାଗ୍ରତ ହୁଏ। ବାବା ବିଶ୍ୱନାଥ ସମଗ୍ର ଜଗତର କଲ୍ୟାଣ କରନ୍ତୁ। 'ବାରାଣସୀ ନାଥମ୍ ଅନାଥନାଥମ୍ ଶ୍ରୀ ବିଶ୍ୱନାଥଂ ଶରଣଂ ପ୍ରପଦ୍ୟେ'।

*ପ୍ଲଟ ନଂ-୧୦୮୨/ଡି, ମର୍କତନଗର,*
*ସିଡ଼ିଏ, ସେକ୍ଟର-୬, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*



**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଅନିୟମିତତା**

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିରୁଦ୍ଧରେ ବିଜେପିର ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର:** ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ବିଶେଷ କରି ସରକାରୀ ଅଫିସରମାନେ ଶାସକ ଦଳ ସହ ସଂପକ ଥିବା ଧନୀକ ବ୍ୟକ୍ତିମାନଙ୍କୁ ପକ୍କା ଘର ବଂଟନ କରିବା ସହ ସେମାନଙ୍କ ଘରକୁ ଜିଓ ଟ୍ୟାଗିଙ୍ଗ କରୁଛନ୍ତି । ଏହା ବିରୁଦ୍ଧରେ ଗତ ୧୦ ତାରିଖରେ ବିଜେପି ପକ୍ଷରୁ ରାଜଭବନ ଆଗରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଶାସକ ଦଳ ପକ୍ଷରୁ ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଅନିୟମିତତାର ଉପଯୁକ୍ତ ପ୍ରମାଣ ଦେଖାଇଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ବିବୃତି ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି କି, ଖୋଦ୍ ମନ୍ତ୍ରୀଙ୍କ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ଘର ବଂଟନରେ ବ୍ୟାପକ ଅନିୟମିତତା ଏବଂ ଭ୍ରଷ୍ଟାଚାର ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ ହେଉଥିବାବେଳେ ଶାସକ ଦଳର ମନ୍ତ୍ରୀ ପ୍ରମାଣ ମାଗିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଜେପିର ଯୁବ ନେତା ଶାରଦା ପ୍ରଧାନ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୦୨ ମସିହାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କେଶବ ଜେନା ଇନ୍ଦିରା ଆବାସ ଘର ପାଇଥିଲେ । ୨୦୧୪-୧୫ ମସିହାରେ ତାଙ୍କ ପୁଅ ଫକୀର ଜେନା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ଏକ ଘର ନେଇଥିଲେ । ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟରେ ଏହା ବେଆଇନ ବୋଲି ଦର୍ଶାଯାଇଛି । ଏହିପରି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୫ ହଜାରରୁ ଉର୍ଦ୍ଧ୍ୱ ଘର ବେଆଇନ ଭାବେ ବଂଟନ କରାଯାଇଛି । କେଶବ ଜେନାଙ୍କ ଉପର ମହଲାରେ ତାଙ୍କ ପୁଅ ଫକୀର ଜେନା ଘର କରିଛନ୍ତି ବୋଲି ଜିଲ୍ଲାପାଳ ରିପୋର୍ଟ ଦେଇଛନ୍ତି । ସେହିପରି ଖାଦ୍ୟ ସୁରକ୍ଷା ଆଇନରେ ମାହାଙ୍ଗା ପଂଚାୟତ ସମିତିର ଅଧ୍ୟକ୍ଷ ଭିକାରୀ ସ୍ୱାଇଁଙ୍କ ନାଁ ରାସନ କାର୍ଡରେ ରହିବା



ଘଟଣା ସମସ୍ତ ଖବରକାଗଜରେ ପ୍ରକାଶ ପାଇଥିଲା । କିନ୍ତୁ ମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀର ଦୁର୍ନୀତିକୁ ଲୁଚାଇ ମିଡିଆ ଆଗରେ ବାହାସ୍ଫୋଟ ମାରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ରାଜ୍ୟସରକାର ବ୍ୟବସ୍ଥା କଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତାର ଠୋସ ପ୍ରମାଣ ନେଇ ପ୍ରତ୍ୟେକ ଦିନ ୫୦ ରୁ ୧୦୦ ଅଭିଯୋଗକାରୀ ପଂଚାୟତ ରାଜ ବିଭାଗ ପାଖରେ ଅଭିଯୋଗ କରିବେ । ଏଥିଲାଗି ମୁଖ୍ୟମନ୍ତ୍ରୀ ଏବଂ ପଂଚାୟତରାଜ ମନ୍ତ୍ରୀ ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା କରନ୍ତୁ । ୨୦୧୯-୨୦ ଆର୍ଥୀକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ନୃତଙ୍ଗ ପଂଚାୟତର ହରେକୃଷ୍ଣ ବାରିକ, ତ୍ରିଲୋଚନ ସ୍ୱାଇଁ, ଆମୀୟ ସାହୁ, ବିଶ୍ୱନାଥ ପଣ୍ଡାଙ୍କ ଘରକୁ ଜିଓ ଟ୍ୟାଗିଙ୍ଗ କରାଯାଇଛି । ବାସ୍ତବରେ ଏମାନେ ହେଉଛନ୍ତି ଅଯୋଗ୍ୟ ହିତାଧିକାରୀ ଏବଂ ଧନୀକ ଶ୍ରେଣୀର ବ୍ୟକ୍ତି । ଶାସକ ଦଳର ସହ ଏମାନଙ୍କ ସଂପୃକ୍ତି ଥିବାରୁ ଏମାନଙ୍କୁ ଘର ବଂଟନ କରାଯାଇଛି । କିନ୍ତୁ ଯୋଗ୍ୟ ହିତାଧିକାରୀ ଗରୀବ ଅସହାୟ ବ୍ୟକ୍ତି ଯଥା ଅମୀୟ ଜେନା, ବ୍ରଜ କିଶୋର ଜେନା, ଅମୂଲ୍ୟ କୁମାରଦାସ, ପରମାନନ୍ଦ ମହାପାତ୍ର ଏବଂ ବାବାଜୀ ସାହୁ ପ୍ରମୁଖ ଯୋଗ୍ୟ ବ୍ୟକ୍ତି ହୋଇ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ହୋଇଛନ୍ତି । ଏହି ବ୍ୟକ୍ତିମାନଙ୍କ ଭଙ୍ଗା ଚାଳଛପର ଘରକୁ ତଥ୍ୟ ପ୍ରମାଣ ଆଧାରରେ ଫଟୋ ଦ୍ୱାରା ଗଣମାଧ୍ୟମ ଆଗରେ ଶ୍ରୀ ପ୍ରଧାନ ଦେଖାଇବା ସହ ମନ୍ତ୍ରୀ ପ୍ରତାପ ଜେନା ଏହାର ଉତର ତୁରନ୍ତ ଜନମାନସରେ ପ୍ରକାଶ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଦଳୀୟ ଭିତିରେ ରାଜ୍ୟସରକାର ଘର ବାଂଟିଚାଲିଛନ୍ତି । ୨୦୧୬ ମସିହାରେ କଟକ ଜିଲ୍ଲାପାଳ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଛି ବୋଲି ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ । ସେତେବେଳର ବିଧାୟକ ଏବଂ ଏବେର ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଘର ବଂଟନ ଦୁର୍ନୀତି ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ତାହା ସ୍ପଷ୍ଟ କରନ୍ତୁ । ୨୦୧୫-୧୬ରେ ମାହାଙ୍ଗାରେ ନିମ୍ନ ମାନର କାର୍ଯ୍ୟ ହୋଇଥିବା ବିଜୁ ସେତୁ ଭୁଷୁଡି ଯାଇଥିଲା । ମାହାଙ୍ଗା ପୂର୍ତ୍ତ ବିଭାଗରେ ୬୭ କୋଟିର ଦୁର୍ନୀତି ହୋଇଛି । ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ଲିପ୍ତଥିବା ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ବହିଷ୍କାର କରନ୍ତୁ । ସେହିପରି କେନ୍ଦ୍ର ଅବହେଳା କଥା ଉଠାଇଥିବା ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟସରକାର କେତେ କେନ୍ଦ୍ରୀୟ ଅର୍ଥ ଅନୁଦାନ ଗ୍ରହଣ କରିଛନ୍ତି ଟିକିଏ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସଚିବଙ୍କୁ ପଚାରି ବୁଝନ୍ତୁ ବୋଲି ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରରେ 'ମୋ ସରକାର' ଟିମ୍

# ପିଲାଙ୍କ ସହ ଭୋଜନ କଲେ ୫-ଟି ସଚିବ



**କେନ୍ଦୁଝର:** ରବିବାର ଦିନ ରାଜ୍ୟ ସରକାରଙ୍କର 'ମୋ ସରକାର ଟିମ୍' କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଡାକ୍ତରଖାନାର ଅବସ୍ଥା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ତଦାରଖ କରିଛନ୍ତି। ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ୍ ଏହି ଟିମ୍‌ରେ ସାମିଲ ହୋଇ ଅପରାହ୍ନ ପ୍ରାୟ ୧ଘଟିକା୧୫ମି. ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶତବାର୍ଷିକୀ ଗୃହରେ ବର୍ହିବିଭାଗର ପରିଚାଳନା ତଦାରଖ କରିଥିଲେ। ଏହାପରେ ଶଲ୍ୟ ବିଭାଗ, ଭେଷଜ ବିଭାଗର ପୁରୁଷ ଓ ମହିଳା ୱାର୍ଡ ପରିଦର୍ଶନ ଓ ତଦାରଖ ସାରିବା ପରେ ମା ଓ ଶିଶୁ ୱାର୍ଡର ତଦାରଖ କରିଥିଲେ। ଏହି ୱାର୍ଡରେ ପ୍ରସବ ପରବର୍ତ୍ତୀ ୱାର୍ଡ ଓ ଶିଶୁ ୱାର୍ଡ ପର୍ଯ୍ୟବେକ୍ଷଣ କରିବା ସହିତ ଉପଲବ୍ଧ ହେଉଥିବା ସେବା ତଦାରଖ କରିଥିଲେ। ବିଭିନ୍ନ ୱାର୍ଡ ପରିଦର୍ଶନ ଓ ତଦାରଖ ସମୟରେ ମୋ ସରକାର ଟିମ୍ ରୋଗୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେମାନେ କେତେଦିନ ହେଲା ଡାକ୍ତରଖାନାକୁ ଆସିଲେଣି, କେମିତି ଡାକ୍ତରଖାନାକୁ ଆସିଲେ, କିପରି ଚିକିତ୍ସା ପାଉଛନ୍ତି, ଡାକ୍ତର ଓ ନର୍ସମାନଙ୍କର ବ୍ୟବହାର କିପରି ରହିଛି, ମାଗଣାରେ ଔଷଧ ପାଉଛନ୍ତି କି ନାହିଁ, ବାହାରୁ ଔଷଧ କିଣିବାକୁ ପଡୁଛି କ ନାହିଁ , ମାଗଣାରେ ଖାଦ୍ୟ ପାଉଛନ୍ତି କି ନାହିଁ, ମେଡିକାଲରେ ପରିଷ୍କାର ପରିଚ୍ଛନ୍ନତା ଅନୁଭବ କରୁଛନ୍ତି କି ନାହିଁ, ସବୁ ପ୍ରକାର ପରୀକ୍ଷା ଡାକ୍ତରଖାନାରେ ହେଉଛି କି ନାହିଁ ଇତ୍ୟାଦି ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ରୋଗୀମାନଙ୍କ ଠାରୁ ପଚାରି ବୁଝିଥିଲେ। ଏହାପରେ ଡାକ୍ତରଖାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ 'ମୋ ସରକାର ଟିମ୍' ଡାକ୍ତରଖାନା ଓ ଡାକ୍ତରଖାନାର ପରିଚାଳନା, ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାଶ, ଏଡିଏମ୍‌ଓ(ମେଡିକାଲ) ଡା.ଜି.ସି ମିଶ୍ର, ଏଡିଏମ୍‌ଓ(ଏଫ୍‌ଡବ୍ଲୁ) ଡା.ଏସ୍.ଏସ୍ ବଳ, ଡିପିଏମ୍‌ଏନ୍‌ଏଚ୍‌ଏମ୍ ଦିଲୀପ କୁମାର ଦୁବେଙ୍କ ସମେତ ଡାକ୍ତର ଓ ଷ୍ଟାଫ୍ ନର୍ସମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଶ୍ରୀ ପାଣ୍ଡିଆନ୍ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କର ସୁଖ ସମୃଦ୍ଧି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କ୍ରମରେ ଟେଲିଫୋନ୍ ମାଧ୍ୟମରେ ହିତାଧିକାରୀମାନଙ୍କ ସହ କଥା ହୋଇ ସେମାନେ କିପରି ସେବା ପାଉଛନ୍ତି ତାହା ବୁଝୁଛନ୍ତି। ବାସ୍ତବ କ୍ଷେତ୍ରରେ ତୃଣମୂଳ ସ୍ତରରେ ହିତାଧିକାରୀମାନେ କିପରି ଉପକୃତ ହେଉଛନ୍ତି ଓ ସେବା ପାଉଛନ୍ତି ତାହା ଜାଣିବା ପାଇଁ 'ମୋ ସରକାର' ଟିମ୍ ବିଭିନ୍ନ ଜିଲ୍ଲା ପରିଦର୍ଶନ କରୁଛନ୍ତି। ସ୍ୱାସ୍ଥ୍ୟସେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇଛନ୍ତି। ପରିଦର୍ଶନ ଓ ତଦାରଖ ସମୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଓ ସ୍ୱାସ୍ଥ୍ୟସେବା ଯୋଗାଣ ସନ୍ତୋଷଜନକ ହୋଇଛି ବୋଲି ଖୁସିବ୍ୟକ୍ତ କରିବା ସହ ଆମାଗୀ ଦିନରେ ଡାକ୍ତର ଓ ପାରାମେଡ଼ିକାଲ ଷ୍ଟାଫ୍‌ମାନେ ନିଷ୍ଠାର ସହ କାର୍ଯ୍ୟ କରି ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ଏବଂ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ମାନକ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ବୋଧନ ଦେଇ 'ମୋ ସରକାର' କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କ ପାଇଁ ଯେପରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବହୁତଳ ବିଶିଷ୍ଟ ମା ଓ ଶିଶୁ ୱାର୍ଡରେ ଲିଫ୍ଟ ବ୍ୟବସ୍ଥା କରିବା ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## 'ଲୁହା ଉତ୍ପାଦନରେ ରାଜ୍ୟ ଓ ଦେଶର ନେତୃତ୍ୱ ନେବ ଯାଜପୁର'



**ଭୁବନେଶ୍ୱର :** ଆଗାମୀ ୧୦ ବର୍ଷ ଭିତରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ୩୦ ମିଲିଅନ ମେଟ୍ରିକ ଟନ ଲୁହା ଉତ୍ପାଦନ ସହ ଭାରତରେ ଏକ ନମ୍ବର ସ୍ଥାନରେ ରହିବ। ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନର ରୌପ୍ୟଜୟନ୍ତୀ ଅବସରରେ ଛତିଆଠାରେ ଆୟୋଜିତ ଜାତୀୟସ୍ତରର ହାଣ୍ଡବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଏକଥା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଭାରତରେ ପ୍ରତିବର୍ଷ ପ୍ରାୟ ଦେଢ଼ଶହ ମିଲିଅନ ମେଟ୍ରିକ ଟନ ଲୁହା ଉତ୍ପାଦିତ ହେଉଛି। ଯାଜପୁରର କଳିଙ୍ଗନଗରରେ ଥିବା ବିଭିନ୍ନ ଇସ୍ପାତ ପ୍ରକଳ୍ପ ଦେଶର ମୋଟ ଇସ୍ପାତ ଉତ୍ପାଦନର ଏକ ବଡ଼ ଭାଗ ଉତ୍ପାଦନ କରୁଛନ୍ତି। ଆଗାମୀ ୧୦ ବର୍ଷ ଭିତରେ ଭାରତରେ ବାର୍ଷିକ ତିନିଶହ ମିଲିଅନ ମେଟ୍ରିକ ଟନ୍ ଲୁହା ଉତ୍ପାଦନ ହେବ। କଳିଙ୍ଗନଗର ଏଥିମଧ୍ୟରୁ ୩୦ ମିଲିଅନ ମେଟ୍ରିକ ଟନ ଲୁହା ଉତ୍ପାଦନ ସହ ଏକ ନମ୍ବର ସ୍ଥାନରେ ରହିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଇସ୍ପାତ କ୍ଷେତ୍ରରେ ଅଭିବୃଦ୍ଧି ସହ ଏହି ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ବୃଦ୍ଧି ପାଇବ। ସ୍ଥାନୀୟ ବ୍ୟବସାୟ ସହ ଓଡ଼ିଶାର ଅର୍ଥନୀତି ତଥା ରାଜସ୍ୱ ମଧ ଏହାଦ୍ୱାରା ବୃଦ୍ଧି ପାଇବ। ଭାରତରେ ଅନେକ ପ୍ରଧାନମନ୍ତ୍ରୀ କ୍ଷମତା ଆରୋହଣ କରିଛନ୍ତି। କିନ୍ତୁ ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯାହାଙ୍କର ପ୍ରାଥମିକତାରେ ପୂର୍ବଭାରତ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନର ରୌପ୍ୟଜୟନ୍ତୀ ଅବସରରେ ଛତିଆଠାରେ ଆୟୋଜିତ ଜାତୀୟସ୍ତରର ହାଣ୍ଡବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିଲେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୧୦ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ସେ ଯୋଗ ଦେଇଥିଲେ। ଛତିଆଠାରେ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରିବା ପରେ ଏକ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ହାଡ଼ିଦାସ ମହାବିଦ୍ୟାଳୟ ପଡ଼ିଆଠାରେ ସଭାସ୍ଥଳକୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀ ପ୍ରଧାନ କୃତୀ ଖେଳାଳିମାନଙ୍କୁ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ।

## କର୍ତ୍ତବ୍ୟନିଷ୍ଠା ପାଇଁ ଇଞ୍ଜିନିୟର ଭବାନୀଶଙ୍କର ସମ୍ବର୍ଦ୍ଧିତ



**ଜଗତସିଂହପୁର:** ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଜୟପୁର ଡାକବଙ୍ଗଳାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରତିଭାଧର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତନ୍ମଧ୍ୟରେ ଫକୀରପଡା ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ଭବାନୀଶଙ୍କର ରଥ କେନ୍ଦ୍ରାପଡା ଜିଲ୍ଲାକୁ ବଦଳି ହୋଇଥିବାରୁ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସାଧୁତା ପାଇଁ ଜଗତସିଂହପୁର ଜିଲ୍ଲା ସଚେତନ ନାଗରିକ ମଞ୍ଚ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶିର କୁମାର ସାବତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂ. ରତିକାନ୍ତ ବେହେରା, ଇଂ. ବିନୟ କୁମାର ସାହୁ, ଶ୍ରୀକାନ୍ତ ବେହେରା, ସୁବୋଧ ବାରିକ, ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲା ବେଳେ ଇଂ. ରତିକାନ୍ତ ଭବାନୀଶଙ୍କରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ଉପଢ଼ୌକନ ଦେଇଥିଲେ।

## ସୌଭାଗ୍ୟ ରାଉତରାୟଙ୍କୁ ସମ୍ମାନଜନକ ଡକ୍ଟରେଟ୍



**ତିରୁଚିରାପଲ୍ଲୀ:** ଭାରତରେ ଅବହେଳିତ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା କ୍ଷେତ୍ରରେ ସମାଜସେବୀ ସୌଭାଗ୍ୟ ରାଉତରାୟଙ୍କ ସଫଳତାକୁ ନେଇ ଜର୍ମାନର ଅନ୍ତର୍ଜାତୀୟ ଶାନ୍ତି ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଗତ ୧୨ ତାରିଖରେ ତାମିଲନାଡୁର ତିରୁଚିରାପଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନ୍ୟାସନାଲ ପ୍ରେସ୍ ଫେଡେରେସନର ସଦସ୍ୟମାନଙ୍କ ସହିତ ଜର୍ମାନର ଅନ୍ତର୍ଜାତୀୟ ଶାନ୍ତି ବିଶ୍ୱବିଦ୍ୟାଳୟର କୁଳସଚିବ ଉପସ୍ଥିତ ରହି ସୌଭାଗ୍ୟଙ୍କୁ ଏହା ପ୍ରଦାନ କରିଥିଲେ।

## ବୋଷ୍ଟନରେ ସୁସ୍ମିତାଙ୍କ ଗୀତରେ ଝୁମିଲେ ସ୍ରୋତା




**ବୋଷ୍ଟନ:** ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଆମେରିକା ଗସ୍ତରେ ଥିବା ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ସୁସ୍ମିତା ଦାସ ବୋଷ୍ଟନ ସହରରେ ସଙ୍ଗୀତ ପରିବେଷଣ କରିଥିଲେ। ସିନର୍ଜି ଇଭେଣ୍ଟସ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଠାରେ ବସବାସ କରୁଥିବା ଭାରତୀୟଙ୍କ ସମେତ ବହୁ ଓଡ଼ିଆ ପରିବାରର ସଦସ୍ୟଙ୍କ ଗହଣରେ ଶ୍ରୀମତୀ ଦାସ ନିଜର ସୁଲଳିତ କଣ୍ଠସ୍ୱର ମାଧ୍ୟମରେ ମାତୃବନ୍ଦନାରୁ ଆରମ୍ଭ କରି ଦେଶଭକ୍ତି ସଙ୍ଗୀତ ଗାନ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। 'ସର୍ବେଶାଂ ନୋ ଜନନୀ ଭାରତ' ସହ ଆଲବମ୍ 'ପାର୍ବଣ'ର ଅନେକ ଗୀତ ଏଠାରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ହାବାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବିଜୟ ମିଶ୍ର, ସିନର୍ଜିର ପ୍ରତିଷ୍ଠାତା ସଞ୍ଜିବ ସ୍ୱାଇଁ, ପ୍ରଭୂଦତ୍ତ ମହାନ୍ତି, ଲୀନା ମହାପାତ୍ର, ଅକ୍ଷୟ ମହାନ୍ତି, ଡକ୍ଟର ବୁଦ୍ଧିନାଥ ପାଢ଼ୀ, ସତ୍ୟବ୍ରତ ମିଶ୍ର ଓ ଅପରାଜିତା ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମ ରସଗୋଲା ଗୀତରେ ଝୁମି ଉଠିଥିଲେ ଦର୍ଶକ। ଗୁରୁ ଜୟଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।

ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal
ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।

Aditi Greens
Going green is our only choice...
CONTACT
Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.
Cell-7735652665, 7008807228.

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି